ସକାଳ THE SAKALA



www.sakalaepaper.com

### ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ସରିଲା ଦେବଦମ୍ପତିଙ୍କ ବିବାହ

# ରାଜରାଜେଶ୍ୱର ବେଶରେ ଦର୍ଶନ ଦେଲେ ବାବାମଣି

## ବରଧରା ବରଣ, ବରାନୁଗମନ ଶୋଭାଯାତ୍ରାରେ କମ୍ପିଲା ଆରଡ଼ିପୀଠ

ଭଦ୍ରକ/ଆରଡି,୧୧।୬(ସମିସ)

ପ୍ରସିଦ୍ଧ ଆରଡିପୀଠରେ ବାବା ଆଖଣ୍ଡଳମଣିଙ୍କ ଶିବବିବାହ ପାଇଁ ମଙ୍ଗଳବାର ଉତ୍ସବ ମୁଖର ହୋଇଥିଲା ସମଗ୍ର ପୀଠ। ବିବାହ ପାଇଁ ବରପିତା ଓ କନ୍ୟାପିତାଙ୍କ ଘରେ ବନ୍ଧୁ ପରିଜନଙ୍କର ଭିଡ ଲାଗିଥିବା ବେଳେ ପୀଠର ସମସ୍ତଙ୍କ ଘରେ ବନ୍ଧୁ ପରିଜନଙ୍କର କୋଳାହଳରେ ଉଛୁଳି ପଡିଥିଲା। ମଧ୍ୟ ରାତ୍ରରେ ବାବାଙ୍କ ମାନବୀୟ ଲୀଳା ଭାବେ ମାତା ପାର୍ବତୀଙ୍କ ହାତ ଧରିଥିଲେ। ଏଥିପାଇଁ ମନ୍ଦିରରେ ଦିନତମାମ ଚାଲିଥିଲା ସ୍ୱତନ୍ତ୍ର ନୀତିକାନ୍ତି। ସକାଳ ୧୦ଟାରେ ବାବାଙ୍କୁ ବରଣ କରିବା ପାଇଁ ପାର୍ବତୀଙ୍କ ଭାଇ ସାଜିଥିବା ପବନପୁତ୍ର ହନୁମାନ ବରଧରା ବେଶରେ ଗମନ କରିଥିଲେ ବରପିତାଙ୍କ ଘରକୁ। ବାଜା ବାଣ ରୋଷଣୀରେ ପ୍ରକମ୍ପିତ ହୋଇଥିଲା ଶୋଭାଯାତ୍ରା। ଏହି ଶୋଭାଯାତ୍ରାରେ ରାଜ୍ୟରୁ ବିଭିନ୍ନ ପ୍ରାନ୍ତରରୁ ଆସିଥିବା ବାଦ୍ୟ ଓ ନୃତ୍ୟଶିଳ୍ପୀ ଯୋଗ ଦେଇଥିଲେ। ତାହାସହ ଘଣ୍ଟବାଦ୍ୟ ଓ ସଂକୀର୍ତ୍ତନ ମଣ୍ଡଳୀଙ୍କ ନୃତ୍ୟରେ ମୁଖରିତ ହୋଇଥିଲା ଶୋଭାଯାତ୍ରା। ସଂଧ୍ୟାରେ ବରାନୁଗମନ ଶୋଭାଯାତ୍ରାରେ ଢେଙ୍କାନାଳର ଦୁଲଦୁଲି ବାଦ୍ୟ କଲିକତାର ମୟୁରଚୂଳିଆ ବାଦ୍ୟ, କେନ୍ଦୁଝରର କଳସ ନୃତ୍ୟଙ୍କ ସହ ପ୍ରାୟ ୩୫ ପ୍ରକାର ପାରମ୍ପରିକ ବାଦ୍ୟ, ନୃତ୍ୟଶିଳ୍ପୀ ଯୋଗେ ଦେଇଥିଲେ। ଅପରାହ୍ଣ ୪ଟାରେ





ରାଜରାଜେଶ୍ୱର ବେଶରେ ଦର୍ଶନ ଦେଇଥିଲେ ବାବା। ଅପରାହ୍ଣରେ ଗ୍ରାମଦେବତୀଙ୍କ ପାଖରେ ଦିଅଁ ମଙ୍ଗୁଳା ସମ୍ପନ୍ନ ହେବା ପରେ ଆରମ୍ଭ ହୋଇଥିଲା ବରାନୁଗମନ ଶୋଭାଯାତ୍ରା। ଲକ୍ଷଲକ୍ଷ ଭକ୍ତଙ୍କ ସହ ସେବାକାରୀଙ୍କ ଗହଣରେ ପାର୍ବତୀଙ୍କ ହାତ ଧରିଥିଲେ ବାବା। ବୁଧବାର ଶୀତଳଷଷ୍ଠୀ ତିଥିରେ ଦେବଦମ୍ପତି ମନ୍ଦିରକୁ ଫେରିବେ। ବିବାହ ଉତ୍ସବରେ ଭଦ୍ରକ ଜିଲ୍ଲାପାଳ ତଥା ଶିବ ବିବାହ ଉତ୍ସବର ଅଧକ୍ଷ ସିଦ୍ଧେଶ୍ୱର ବଳିରାମ ବନ୍ଦୋର, ଉପଜିଲ୍ଲାପାଳ ତଥା ଟ୍ରଷ୍ଟି ମନୋଜ ପାତ୍ର ପ୍ରମୁଖ ଜିଲ୍ଲାର ସମସ୍ତ ଅଧିକାରୀ ବ୍ଲକ, ତହସିଲ ଅଧିକାରୀଙ୍କ ସହ ଶାନ୍ତିଶୃଙ୍ଖଳା ନିମନ୍ତେ ୬ଜଣ ମ୍ୟାଜିଷ୍ଟ୍ରେଟ, ଜଣେ ଏଏସ୍‌ପି, ୪ଜଣ ଡିଏସ୍‌ପି, ଏସଡିପିଓ, ୬ଜଣ ଇନ୍ସପେକ୍ଟର, ୧୫ଜଣ ଅଫିସର, ୧୦ପ୍ଲାଟୁନ ଫୋର୍ସ, ଟ୍ରାଫିକ ଫୋର୍ସ ସହ ଓଡ୍ରାଫ ଟିମ୍, ଅଗ୍ନିଶମ ବାହିନୀ, ବାବାମଣି ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସତ୍ୟସାଇ ସେବା ସଂଗଠନ, ବାବାମଣି ଫାଉଣ୍ଡେସନ, ପୀରାହାଟ ପ୍ରଦେଶ ସେବା ସଂଗଠନ ସମସ୍ତ ସେବା ଯୋଗାଇଥିଲେ।

## ଦେବଦମ୍ପତିଙ୍କ ବିବାହ ଉତ୍ସବ

**ବାରିକପୁର,୧୧।୬ (ସମିସ):** ଆଜି ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ପ୍ରସିଦ୍ଧ ହରପାର୍ବତୀ ପୀଠଠାରେ ଦେବ ଦମ୍ପତିଙ୍କ ବିବାହ ଉତ୍ସବ ବେଶ ଧୂମଧାମରେ ଅନୁଷ୍ଠିତ ହୋଇଯାଇଛି। ବର ପିତା ଶିବପ୍ରସାଦ ଜେନା ଦେବ ଦେବ ମହାଦେବ ଓ ବରଯାତ୍ରୀଙ୍କୁ ସାଥିରେ ଧରି ବାଜା ରୋଷଣୀରେ ଟିକରାସ୍ଥିତ କନ୍ୟା ପିତା ଯଯାତିକେଶରୀ ଜେନାଙ୍କ ବାସଭବନକୁ ଯାଇଥିଲେ। ସେଠାରେ ବୈଦିକ ବିଧି ଅନୁଯାୟୀ ମାତା ପାର୍ବତୀଙ୍କ ସହିତ କୈଳାସ ପତି ଶିବଙ୍କର ହସ୍ତଗଣ୍ଠି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପରେ ବରପିତା ଉଭୟ ଦେବ ଦମ୍ପତିଙ୍କୁ ସାଥିରେ ଧରି ହରପାର୍ବତୀ ମନ୍ଦିର ପରିସରରେ ପହଞ୍ଚିବା ପରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ



ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏକ ରମଣୀୟ ସନ୍ଧ୍ୟାରେ ବେଦମନ୍ତ୍ର ପାଠ ସହିତ ଗଗନ ପବନ ପ୍ରକମ୍ପିତ ହୋଇଥିଲା। ପୂଜକ ପ୍ରହ୍ଲାଦ ମିଶ୍ର ଓ ସୁଦାମ ଚରଣ ଦାସ ଦେବ ଦମ୍ପତ୍ତିଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ବିବାହ ଉତ୍ସବକୁ ଦେଖିବା ପାଇଁ ଆଖୁଆପଦା ସମେତ ଜଗନ୍ନାଥପ୍ରସାଦ, ଟିକରା, ଯଶୋଟିକିରି, ପୁରୀପଡା ଗ୍ରାମର ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। କାର୍ଯ୍ୟକ୍ରମକୁ ମନ୍ଦିର କମିଟିର ବରିଷ୍ଠ ସଦସ୍ୟ କାହ୍ନୁଚରଣ ଜେନା, ଶରତ ଚନ୍ଦ୍ର ଜେନା, ଗୌରାଙ୍ଗ ଜେନା, ଜଗବନ୍ଧୁ ମହାପାତ୍ର, ଭାଗବତ ବେହେରା, ବଟକୃଷ୍ଣ ସାହୁ, ବସନ୍ତ ବେହେରା, ମଧୁସୂଦନ ବାରିକ, ଅଖିଳ ଚନ୍ଦ୍ର ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ଗଙ୍ଗେଶ୍ୱର ବାବା ଓ ମା' ପାର୍ବତୀଙ୍କ ବିବାହ ଉତ୍ସବ

**ଅସୁରାଳି,୧୧।୬(ସମିସ):** ଧାମନଗର ବ୍ଲକ୍ କଟସାହି ପଞ୍ଚାୟତ ପଥରଡିହ ଗ୍ରାମର ଗଙ୍ଗେଶ୍ୱର ମହାଦେବ ଓ ମାତା ପାର୍ବତୀଙ୍କ ବିବାହୋତ୍ସବ ମଙ୍ଗଳବାର ମହା ଆଡ଼ମ୍ବର ସହକାରେ ସଂପନ୍ନ ହୋଇଯାଇଛି। ଏହି ଅବସରରେ ସୋମବାର ଆଖପାଖ ଦେବାଦେବୀଙ୍କୁ ଗୁଆ ଦେଇ ନିମନ୍ତ୍ରଣ କରାଯାଇଥିଲା। ପଣ୍ଡିତଙ୍କ ମନ୍ତ୍ରପାଠ ଓ ଶ୍ରଦ୍ଧାଳୁଙ୍କ ହରିବୋଲ ହୁଳହୁଳି ଭାବଭକ୍ତିର ପରିବେଶ ସୃଷ୍ଟି ହୋଇଥିଲା। କନ୍ୟା ପିତାମାତା ଭାବରେ କୃଷ୍ଣଚନ୍ଦ୍ର ବାରିକ ଓ ତପସ୍ୱିନୀ ଦାସ ତଥା ବରପିତା ଭାବରେ ସୁଦର୍ଶନ ମିଶ୍ର ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଗୌରହରି ପଣ୍ଡା, ମଣ୍ଟୁ ପଣ୍ଡା, ସୁଦର୍ଶନ ମିଶ୍ର, ଭାସ୍କର ମିଶ୍ର, ମାନୁନୀ ମିଶ୍ର ପୂଜା କାର୍ଯ୍ୟ ସଂପାଦନ କରିଥିବା ବେଳେ ଜ୍ୟୋତିଷ ରମେଶ ନାୟକ, ନାପିତ ମଙ୍ଗୁଳିଆ ବାରିକ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ଅତିଥି ଭାବରେ କଟସାହିର ପୂର୍ବତନ ସରପଞ୍ଚ ରଘୁନାଥ ଲେଙ୍କା, ଦୁଃଶାସନ ମିଶ୍ର, ବୃନ୍ଦନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଶ୍ରଦ୍ଧାଳୁମାନଙ୍କ ପାଇଁ କନ୍ୟା ପିତାମାତାଙ୍କ ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ପରିଚାଳନାରେ ପଥର?ହ ଗ୍ରାମବାସୀ ସହଯୋଗ କରିଥିଲେ।

## ନାଗେଶ୍ୱର ମହାଦେବଙ୍କ ବିବାହ ସମ୍ପନ୍ନ



**ତିହିଡ଼ି୧୧।୬(ସମିସ):** ତିହିଡ଼ି ବ୍ଲକ ଅଧୀନ ମୁକୁନ୍ଦପୁର ଚଡ଼ଁରୀ ଗ୍ରାମସ୍ଥ ନାଗେଶ୍ୱର ମହାଦେବଙ୍କ ପବିତ୍ର ବିବାହ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ମନ୍ଦିର ପ୍ରତିଷ୍ଠାତା ଶିକ୍ଷକ ଦମ୍ପତି ରବିନାରାୟଣ ତିଆଡ଼ି ଓ କନକଲତା ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଦେବଦମ୍ପତିଙ୍କ ବିବାହ ଉତ୍ସବରେ ବରପିତା ଭାବେ ହୃଷୀକେଶ ପାଢ଼ୀ ଓ ଜାନକୀ ପାଢ଼ୀ ଏବଂ କନ୍ୟା ପିତା ଭାବେ ମଦନ ବେହେରା ଓ ବିଦ୍ୟୁତପ୍ରଭା ବେହେରା କାର୍ଯ୍ୟ ସମ୍ପାଦନ କରିଥିଲେ। ଉତ୍ସବରେ ଭକ୍ତମାନେ ଉପସ୍ଥିତ ହୋଇ ଦେବ ଦମ୍ପତିଙ୍କ ଦର୍ଶନ ଲାଭ କରିଥିଲେ। ଶେଷରେ ସମସ୍ତେ ପ୍ରସାଦ ସେବନ କରି ଘରକୁ ଫେରିଥିଲେ।

## ଦେଢ଼ଶ୍ୱଶୁର ଆକ୍ରମଣରେ ଭାଇବୋହୂର ମୃତ୍ୟୁ

**ବାସୁଦେବପୁର,୧୧।୬(ସମିସ):** ବାସୁଦେବପୁର ପୌରପାଳିକାର ପ୍ରବୋଧପୁର ପାରା ଗ୍ରାମର ଦେଢଶ୍ୱଶୁରଙ୍କ ଆକ୍ରମଣରେ ଭାଇବୋହୂଙ୍କ ମୃତ୍ୟୁ। ପ୍ରବୋଧପୁର ପାରା ଗ୍ରାମର ଗତିକାନ୍ତ ଜେନା ଓ ସାନ ଭାଇ ଶଶିକାନ୍ତ ଜେନାଙ୍କ ମଧ୍ୟରେ ପାରିବାରିକ କଳହ ଲାଗି ରହିଥିଲା। ସାନଭାଇ ଶଶିକାନ୍ତ ବାଙ୍ଗାଲୋରରେ ଏକ ଘରୋଇ କମ୍ପାନୀରେ କାମ କରି ପରିବାର ପ୍ରତିପୋଷଣ କରନ୍ତି। ପତ୍ନୀ ପ୍ରୀତିରେଖା ଜେନା ଘରେ ଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସୋମବାର ଅପରାହ୍ଣରେ ଗତିକାନ୍ତ ଜେନା ଅଚାନକ ଭାଇବୋହୂ ପ୍ରୀତିରେଖାଙ୍କୁ ଆକ୍ରମଣ କରିଥିଲେ। ରକ୍ତାକ୍ତ ଅବସ୍ଥାରେ ପ୍ରୀତିରେଖାଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଂକଟାପନ୍ନ ହେବାରୁ କଟକ ରେଫର କରାଯାଇଥିଲା। କଟକ ଯାଉଥିବା ବାଟରେ ମୃତ୍ୟୁବରଣ କରିଛନ୍ତି। ମୁଖ୍ୟ ଅଭିଯୁକ୍ତ ଗତିକାନ୍ତ ଜେନାଙ୍କୁ ପୁଲିସ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତ ମହିଳାଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କେହି ଥାନାରେ ଲିଖିତ ଅଭିଯୋଗ କରିନଥିବାର ଜଣାଯାଇଛି।

## ଅଗ୍ନିକାଣ୍ଡରେ ସର୍ବସ୍ୱ ପାଉଁଶ

**ମଞ୍ଜୁରୀରୋଡ,୧୧।୬(ସମିସ):** ଭଣ୍ଡାରିପୋଖରୀ ବ୍ଲକ ନାଆମୀ ପଞ୍ଚାୟତ ଛଞ୍ଚିଣା ଗ୍ରାମରେ ଅଗ୍ନିକାଣ୍ଡ ଘଟିବାରୁ ଗୋଟିଏ ପରିବାର ସର୍ବସ୍ୱ ହରାଇଛନ୍ତି। ସୂଚନା ଅନୁସାରେ ଗ୍ରାମର ଦେବେନ୍ଦ୍ର ମାଝୀଙ୍କ ଘରେ ସୋମବାର ଅପରାହ୍ଣରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ନିଆଁର ତୀବ୍ରତା ଏତେ ଥିଲା ଯେ ଗ୍ରାମବାସୀ ଏହାକୁ ଆୟତ୍ତ କରିପାରିନଥିଲେ। ଫଳରେ ଦମକଳ ଆସିବା ପୂର୍ବରୁ ବାସଗୃହ ସହିତ ଘରର ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିଲା। ଘଟଣା ସମ୍ପର୍କରେ ଖବର ପାଇ ଜିଲ୍ଲା ବିଜୁ ଛାତ୍ର ଜନତା ଦଳର ସଭାପତି ଦିପ୍ତୀସୂର୍ଯ୍ୟ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗ୍ରାମରେ ପହଞ୍ଚି ବିପନ୍ନଙ୍କୁ ଗଭୀର ସମବେଦନା ଜଣାଇଥିଲେ। ଏହା ସହିତ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ମଧ୍ୟ ପ୍ରତିନିଧି ଦଳ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଆମୀ ବିଜୁ ଜନତା ଦଳର ସଭାପତି ଗୌରାଙ୍ଗ ଜେନାଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ନେତୃବୃନ୍ଦ ମାନେ ଉପସ୍ଥିତ ଥିଲେ।

## ଲକ୍ଷ୍ମୀ ବସ୍‌ରୁ ଷ୍ଟିକର୍ ଉଭାନ



**ବାସୁଦେବପୁର,୧୧।୬(ସମିସ):** ବାସୁଦେବପୁର ବ୍ଲକର ଚାଲିଥିବା ଗୋଟିଏ ମାତ୍ର ଲକ୍ଷ୍ମୀ ବସ୍‌ର ରାତିଅଧିଆ ଲକ୍ଷ୍ମୀ ଷ୍ଟିକର ଉଭାନ ହୋଇଯାଇଛି। ବସ୍‌ଟି ବ୍ଲକ ପରିସରରେ ଥିବା ବେଳେ ରାତ୍ରିର କେହି ଲକ୍ଷ୍ମୀ ବସ୍‌ର ଷ୍ଟିକର ବାହାର କରି ଧଳା ରଙ୍ଗ ଲଗାଇ ଦେଇଛନ୍ତି ବୋଲି ବସ୍ କର୍ମଚାରୀ କହିଛନ୍ତି। ତେବେ କିଏ ଷ୍ଟିକର ଖୋଲି ନେଇଛି ତାହାର ସଠିକ୍ କାରଣ ଜଣାପଡିନାହିଁ।

## ଆଗରପଡ଼ା ଠାକୁର ରାଜାଙ୍କୁ ଶ୍ରଦ୍ଧାଞ୍ଜଳି



**ବନ୍ତ/ଆଗରପଡ଼ା,୧୧।୬(ସମିସ):** ଆଗରପଡ଼ା ଠାକୁର ରାଜା ସ୍ୱର୍ଗତ କିଶୋରୀ ମୋହନ ସିଂହଙ୍କ ଏକାଦଶାହ କ୍ରିୟାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ତାଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସ୍ଥାନୀୟ ବିଧାୟକ ସଂଜୀବ ମଲ୍ଲିକ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ଓଡ଼ିଆଙ୍କ ମଉଡ଼ମଣୀ, ଆରାଧ୍ୟଦେବତା ଶ୍ରୀଜଗନ୍ନାଥ ମହାପ୍ରଭୂଙ୍କ ସେବା କରିବାର କିଶୋରୀ ବାବୁ ସୋ÷ଭାଗ୍ୟ ପାଇଥିବାରୁ ସେ ଜଣେ ଭାଗ୍ୟବାନ ମଣିଷ ଥିଲେ ଓ ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ଥିଲେ। ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବିଜେଡି ଜିଲ୍ଲା ଉପସଭାପତି ପ୍ରଶାନ୍ତ ଦାଶ, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ପଦ୍ମନ ରାୟ, ଇଂ ଅନନ୍ତ ସିଂହ, ସୁପ୍ରିମକୋର୍ଟ ଆଡ଼ଭୋକେଟ ଜଗତମୋହନ ସିଂହ, ହାଇକୋର୍ଟ ଆଡ଼ଭୋକେଟ ମନୋଜ ରାୟ, ଇଂ ପ୍ରଦୀପ୍ତ ସିଂହ, ସମାଜସେବୀ ପ୍ରଭାତୀ ସିହ୍ନା, ନୀଲମ ବଳ, ବିଭୁଚନ୍ଦନ ଜେନା, ତାପସ ରାୟ, ସରପଞ୍ଚ ଶୁଭଦ୍ରା ସିଂହ, ଯୁବନେତା ଅଶୋକ ପାଣିଗ୍ରାହୀ, ସପନ ସିଂହ ପ୍ରମୁଖ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

### କଳାର ପୂଜାରୀ ଦେବେନ୍ଦ୍ର

## ସ୍ୱପ୍ନ ସାକାର ପାଇଁ ଅର୍ଥ ସାଜିଛି ପ୍ରତିବନ୍ଧକ

ବନ୍ତ/ଆଗରପଡ଼ା,୧୧।୬(ସମିସ)

ଆଗରପଡ଼ା ନିକଟବର୍ତ୍ତୀ ରାଜନଗର ମଙ୍ଗଳପୁର ଗ୍ରାମର ଗୋଟିଏ ଗରିବ ପରିବାରରେ ଦେବେନ୍ଦ୍ର ଯେନାଙ୍କ ଜନ୍ମ । ପିଲାଟି ଦିନରୁ ସଂଗୀତ କଳା ପ୍ରତି ଆଗ୍ରହ ପ୍ରକାଶ କରି ସଂଗୀତଗୁରୁ ପ୍ରହଲ୍ଲାଦ ପାଣିଗ୍ରାହୀଙ୍କ ପ୍ରେରଣା, ବାପା ଅନାମ ଯେନା, ମାତା ରଙ୍ଗଲତା ଜେନା ଓ ଅଧ୍ୟାପକ ଗୋବିନ୍ଦ ସାହୁଙ୍କ ପ୍ରଚେଷ୍ଟାରୁ ମାତ୍ର ବାରବର୍ଷ ବୟସରୁ କଳା ଓ କବିତା ଆସରରୁ ସଂଗୀତ କ୍ଷେତ୍ରରେ ନିଜକୁ ହଜାଇ ଦେବା ଓ ଓଡ଼ିଶାରେ ଏକ ସୁସ୍ଥ ସଂଗୀତ ପରିବେଶ ସୃଷ୍ଟି କରିବାର ସ୍ୱପ୍ନ ନେଇ ଆଗେଇଥିଲେ ଦେବେନ୍ଦ୍ର। ତାଙ୍କ ସ୍ୱପ୍ନର ପ୍ରଥମ ସୋପାନରେ ସେ ବିଭିନ୍ନ ଅନୁଷ୍ଠାନ ତରଫରୁ କଣ୍ଠଦାନ କରି ପୁରସ୍କୃତ ହୋଇଥିଲେ। ପ୍ରଥମେ ଡ. ହରେକୃଷ୍ଣ ମହତାବ ଯୁବ ସଂସ୍କୃତିକ ଅନୁଷ୍ଠାନ (ଚାରିଗାଁ, ଭଦ୍ରକ ଭଜନ ସମାରୋହରେ), ୧୯ ୯୩ ରେ ଆଗରପଡ଼ା ମହାବିଦ୍ୟାଳୟ ଆଗରପଡ଼ା ନାଟ୍ୟ ସଂପାଦକ ରୂପେ ନିର୍ବାଚିତ ହୋଇଥିଲେ। ରାଉଲକେଲା ବିର୍ସାମୁଣ୍ଡା କଳା ନିକେତନର ସଂଗୀତ ପ୍ରତିଯୋଗିତାରେ ୨ୟ ସ୍ଥାନ, ଭୁବନେଶ୍ୱର ସ୍ଥିତ ସିଆରପି ଛକ ବିଜୁ ପଟ୍ଟନାୟକ ସ୍ମୃତି ସଂସଦ, କୁପାରୀର ଡ. ହରେକୃଷ୍ଣ ମହତାବ କଲେଜରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସଂଗୀତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ,



ଡ.ହରେକୃଷ୍ଣ ମହତାବ ଜୟନ୍ତୀ ଉତ୍ସବ ସଂଗୀତ ପ୍ରତିଯୋଗିତାରେ ୨ୟ ସ୍ଥାନ, ରାଜ୍ୟସ୍ତରୀୟ ଲଘୁକଣ୍ଠ ପ୍ରତିଯୋଗିତାରେ ୩ୟ ସ୍ଥାନ ଅଧିକାର କରିଥିଲେ। ଏହାଛଡ଼ା ହେଲ୍‌ଥ ଇଣ୍ଡିଆ ଲ୍ୟାବ୍ ଓପନ ୟୁନିଭରସିଟି, ମାଡ୍ରାସରେ ଅନୁଷ୍ଠିତ ସଂଗୀତ ପ୍ରତିଯୋଗିତାରେ ୩ୟ ସ୍ଥାନ ପାଇ ଡ. କାଲମ ପିଆଇ. ପିଟରଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ବରପତ୍ର ସାହାଯ୍ୟରେ ବିଭିନ୍ନ ଗୀତକୁ ନିଜ ପାଟିରେ ବିଭିନ୍ନ ସ୍ୱରକରି ବଜାଇ ପାରନ୍ତି ଦେବେନ୍ଦ୍ର। ବିଭିନ୍ନ ପଶୁପକ୍ଷୀ ଶୁଆଶାରୀ, କୁକୁର, ମାଙ୍କଡ଼, ହାତୀ ପ୍ରମୁଖଙ୍କ ଅବିକଳ ନ କଲ କରିବାରେ ଦେବେନ୍ଦ୍ର ସିଦ୍ଧହସ୍ତ। ଯାତ୍ରା ଅନୁଷ୍ଠାନ ମହାବୀର ଗଣନାଟ୍ୟ, ବାସନ୍ତୀ ଗଣନାଟ୍ୟ, ନନ୍ଦିକା ଗଣନାଟ୍ୟ ଦ୍ୱାରା ପରିବେଶିତ ନାଟକ ଭଡ଼ାସ୍ୱାମୀ, ଶେଷ ସମ୍ପର୍କ, ମିଛ ଭାରିଜା, କିଏ ଭାଙ୍ଗିଦେଲା ବାଇଆ ବସା, କାଗଜ ଡଙ୍ଗା ଆଦି ନାଟକରେ କଣ୍ଠଦାନ କରି ଯାତ୍ରା ନିର୍ଦ୍ଦେଶକ ଲିଟିଲ୍ ମାଷ୍ଟର ବିନୋଦ ରାଉତଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛନ୍ତି। କଣ୍ଠଶିଳ୍ପୀ ସୁରେଶ ପରିଡ଼ାଙ୍କୁ ଅଧିକ ପସନ୍ଦ କରନ୍ତି ବୋଲି ଦେବେନ୍ଦ୍ର କୁହନ୍ତି। ମାତ୍ର ତାଙ୍କ କଳାର ସଂପୂର୍ଣ୍ଣ ପରିସ୍ଫୁଟନ ପାଇଁ ସୁଯୋଗ ମିଳୁ ଥିଲେ ସୁଦ୍ଧା ନିଜର ଆର୍ଥିକ ଦୂରାବସ୍ଥା ଯୋଗୁଁ ଏହା ସମ୍ଭବପର ହୋଇପାରୁ ନାହିଁ, ତେଣୁ ତାଙ୍କର ସ୍ୱପ୍ନର ପାହାଚରେ ଅର୍ଥ ପ୍ରତିବନ୍ଧକ ସାଜିଥିବାର ଜଣାପଡ଼ିଛି। ତଥାପି ସେ ତାଙ୍କ ବିକଶିତ କଳାକୁ ନେଇ ସୁଯୋଗକୁ ଚାହିଁ ବସିଥିବା ପ୍ରକାଶ କରିଛନ୍ତି।

### ଚୋରା ବାଲିଗାଡ଼ି ପ୍ରତି ଅଧିକାରୀଙ୍କ ଉଦାରତା

# ନଦୀ ଗର୍ଭରେ ଥିଲେ ୪୦; ଧରିଲେ ୪

**ବାରିକପୁର,୧୧।୬(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ବୈତରଣୀ ନଦୀରୁ ବେଆଇନ ବାଲି ଚାଲାଣ ହେବା ଏକ ନିତିଦିନିଆ ଘଟଣା ହୋଇଯାଇଛି। ବର୍ଷ ବର୍ଷ ଧରି ନଦୀ ଗର୍ଭକୁ ଖନନ କରି ଚାଲିଛନ୍ତି ବାଲି ମାଫିଆ। ଫଳରେ ନଦୀ ତାର ଗତି ବଦଳାଉଥିବା ବେଳେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଭୌଗୋଳିକ ସ୍ଥିତି ମଧ୍ୟ ପରିବର୍ତ୍ତନ ହେଉଥିବା ଲକ୍ଷ୍ୟ କରାଯାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଦିନ ଦ୍ୱିପ୍ରହରରେ ବେଆଇନ ବାଲି ଚାଲାଣ ହେଉଥିଲେ ସୁଦ୍ଧା ପ୍ରଶାସନ ଏହାକୁ ରୋକିବାରେ ବିଫଳ ହେଉଛି। ନଦୀର ବନ୍ଧାଲୋ-ମଢିଆଳି ଠାରୁ ଆରମ୍ଭ କରି ମୁଢ଼ାପଦା ଯାଏଁ ବିସ୍ତିର୍ଣ୍ଣ ଅଞ୍ଚଳକୁ ବାଲି ଚୋର ମାନେ ଚଲୁ କରିବାକୁ ବସିଲେଣି। କେତେବେଳେ କେମିତି ସାଧାରଣ ବୃଦ୍ଧିଜୀବୀ ଓ ଗଣମାଧ୍ୟମ ଚାପରେ କିଛି ବାଲି ଗାଡି ଧରା ହେଉଥିଲେ ସୁଦ୍ଧା ତାହା ଧର୍ମକୁ ଆଖିଠାର ଭଳି ହେଉଛି। ସୂଚନା ଅନୁସାରେ ଝୁଟଣା, ବନସ୍ତା, ମଢିଆଳି ପ୍ରମୁଖ ସ୍ଥାନରୁ ସର୍ବାଧିକ ଚୋରା ଚାଲାଣ ହୋଇଥାଏ। ଗତ ସୋମବାର ଦିନ ସ୍ଥାନୀୟ ଥାନା ଓ ଫାଣ୍ଡି ପକ୍ଷରୁ ଉକ୍ତ ଅଞ୍ଚଳରେ ଚଢ଼ାଉ କରାଯାଇଥିବା ବେଳେ କୌଶଳ କ୍ରମେ ବାଲି ଗାଡି ଗୁଡିକ ଖସି ଯାଇଥିଲେ। ସେହିଭଳି ଆଜି ଜିଲ୍ଲା ଖଣି ନିଗମ



ପକ୍ଷରୁ ଝୁଟୁଣା ନିକଟରେ ଅତର୍କିତ ଚଢ଼ଉ ହୋଇଥିଲା। ଏହି ସମୟରେ ନଦୀ ମଧ୍ୟରେ ୪୦ରୁ ଅଧିକ ଟ୍ରାକ୍ଟର ଥିଲେ ସୁଦ୍ଧା ମୁଖ୍ୟ ଅଧିକାରୀଙ୍କ ନେତୃତ୍ୱରେ ଯାଇଥିବା ଟିମ ମାତ୍ର ୪ଗୋଟି ଗାଡି ଧରିବାରେ ସକ୍ଷମ ହେଉଥିବା କୁହାଯାଉଛି। ଜାଣିଶୁଣି କିଛି ଗାଡିକୁ ଖସାଇ ଦିଆଯାଇଥିବା ସ୍ଥାନୀୟ କିଛି ବାସିନ୍ଦା ଅଭିଯୋଗ କରିଛନ୍ତି। ଉକ୍ତ ଘଟଣା ସମ୍ପର୍କରେ ଜିଲ୍ଲା ଅଧିକାରୀଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସେ ସମ୍ପୂର୍ଣ୍ଣ ତଥ୍ୟ ଦେବାକୁ କୁଣ୍ଠାବୋଧ କରିଛନ୍ତି। ଏପରିକି କଥା ଅଧାରୁ ମଧ୍ୟ ଫୋନ କାଟି ଦେଉଥିବାରୁ ସମ୍ପୂର୍ଣ୍ଣ ତଥ୍ୟ ମଧ୍ୟ ହସ୍ତଗତ ହୋଇ ପାରିନାହିଁ। ଏପଟେ ବେଆଇନ ଗାଡି ଗୁଡିକ ଉପରେ କେଉଁଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ। ଯାହାକୁ ନେଇ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଓ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ୫ ବାଲି ବୋଝେଇ ଟ୍ରାକ୍ଟର ଜବତ

**ଭଣ୍ଡାରିପୋଖରୀ,୧୧।୬(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥରୁ ଖଣି ବିଭାଗ ୫ଟି ବାଲି ବୋଝେଇ ଟ୍ରାକ୍ଟର ମଙ୍ଗଳବାର ଜବତ କରିଥିବା ଜଣାଯାଇଛି। ଆଗକୁ ବର୍ଷାଋତୁ ଆସୁଥିବାରୁ ବାଲିମାଫିଆମାନେ ବିଭିନ୍ନ ରାସ୍ତା ପାର୍ଶ୍ୱରେ ବାଲି ଠୁଳ କରିବା ଆରମ୍ଭ କରିଛନ୍ତି। ଖରାଦିନ ଭଳି ବର୍ଷାଦିନେ ଚଢା ଦରରେ ବାଲି ବିକି ଭଲ ଦି ପଇସା ରୋଜଗାର କରିବା ଲକ୍ଷ୍ୟରେ ବାଲି ଠୁଳ କରୁଛନ୍ତି। ଆଦୌ କାଗଜପତ୍ର ନଥିବା ଏପରିକି ନମ୍ବର ନଥିବା ବେଆଇନ ଟ୍ରାକ୍ଟରରେ ବାଲିଚୋରି କରି ଠୁଳ କରୁଛନ୍ତି। ବର୍ଷ ବର୍ଷ ଧରି ପ୍ରଶାସନ ବାଲି ଚୋରି ପ୍ରତି ଆଖି ବୁଜି ଦେଇଛି। ସ୍ଥାନୀୟ ତହସିଲ ହାତରୁ ବାଲି କାର୍ଯ୍ୟାନୁଷ୍ଠାନ କ୍ଷମତା ସରକାର କାଢି ନେଇ ଦୁର୍ନିତୀଗ୍ରସ୍ତ ଖଣି ବିଭାଗ ହାତକୁ ଟେକି ଦେଇଛନ୍ତି। ଚୋରା ବାଲି ଉଠାଣ ହେଉଥିବା ନଦୀଘାଟକୁ ଖଣି ବିଭାଗ



ନଯାଇ ରାଜପଥରେ ଚୋରା ବାଲି ବୋଝେଇ ଟ୍ରାକ୍ଟରକୁ ଟାକି ବସୁଛନ୍ତି। ମଙ୍ଗଳବାର ଏଭଳି ୫ଟି ଟ୍ରାକ୍ଟରକୁ ଧରାଯାଇ ଥାନାରେ ଅଟକ ରଖାଯାଇଥିବା ଜଣାଯାଇଛି।

## ଫର୍ଣ୍ଣିଚର ଦୋକାନରୁ ୧୦ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି

**ତିହିଡ଼ି, ୧୧।୬(ସମିସ):** ତିହିଡି ଥାନାର ମାତ୍ର ୧୦୦ ମିଟର ଦୂରରେ ଏକ ବଡ଼ ଧରଣର ଚୋରି ହୋଇଯାଇଛି। ଏକ ଫର୍ଣ୍ଣିଚର ଦୋକାନର ପଛ ଝରକା ଓ ଗ୍ରୀଲ ଭାଙ୍ଗି ଦୁର୍ବୃତ୍ତମାନେ ଅନ୍ୟୁନ ୧୦ ଲକ୍ଷ ଟଙ୍କା ମୂଲ୍ୟର ସାମଗ୍ରୀ ଚୋରି କରିନେଇଥିବା ନେଇ ଥାନାରେ ଅଭିଯୋଗ କରାଯାଇଛି। ସୂଚନା ଅନୁଯାୟୀ ତିହିଡ଼ି ବଜାର ମଧ୍ୟ ସ୍ଥଳରେ ଥିବା ଦ୍ୱାରିକା ହୋଟେଲ ଉପରେ 'ଶ୍ରୀ ଭବାନୀ' ଇଲେକ୍ଟ୍ରୋନିକ୍ସ, ଫର୍ଣ୍ଣିଚର ଓ ମୋବାଇଲ ଫୋନ ଦୋକାନ ରହିଛି। ଏହାର ମାଲିକ ହେଉଛନ୍ତି ପ୍ରଦ୍ୟୁମ୍ନ ପତି। ସେ କରିଥିବା ଅଭିଯୋଗ ଅନୁଯାୟୀ ଗତକାଲି ଗତକାଲି ରାତ୍ରିରେ କର୍ମଚାରୀମାନେ ଦୋକାନ ବନ୍ଦ କରିଯାଇଥିଲେ। ତେବେ ଆଜି ସକାଳେ ଦୋକାନ ଖୋଲିବା ଦୋକାନର ଡାକବଙ୍ଗଳା ପାଖର ପଛପଟ ଭଙ୍ଗାଯାଇ ଦୋକାନରୁ ଚୋରି ହୋଇଥିବା ଜଣାପଡ଼ିଥିଲା। ଏ ନେଇ ପ୍ରଦ୍ୟୁମ୍ନ ଥାନାରେ ଅଭିଯୋଗ କରିବା ପରେ ଅନୁସନ୍ଧାନକାରୀ ଦଳ ସନ୍ଧାନୀ କୁକୁର ସହ ତଦନ୍ତ କରୁଛନ୍ତି। ଜଣେ ଯୁବକଙ୍କୁ ସନ୍ଦେହରେ ଥାନାକୁ ନିଆଯାଇ ପଚରା ଉଚୁରା କରାଯାଉଛି। ସିସିଟିଭି ଫୁଟେଜ ଅନୁଯାୟୀ ୩ ଜଣ ବ୍ୟକ୍ତି ମୁହଁରେ କପଡ଼ା ବାନ୍ଧି ଦୋକାନ ଭିତରେ ପ୍ରବେଶ କରି ଚୋରି କରିଥିଲେ। ଚୋରି ହୋଇଥିବା ସାମଗ୍ରୀ ମଧ୍ୟରେ ୩୦ ଗୋଟି ଦାମୀ ମୋବାଇଲ ଫୋନ, ୧୦ ଗୋଟି ଗ୍ରାଇଣ୍ଡର, ୧୫ ଟି ପ୍ରେସର କୁକର, ୫ ଟା ଏଲଇଡି ଟିଭି, ୨ ଗୋଟି ଲାପଟପ ଓ ଅନ୍ୟାନ୍ୟ ଛୋଟବଡ଼ ସାମଗ୍ରୀ ରହିଛି। ଏହି ଚୋରି ଘଟଣାରେ ତିହିଡ଼ିର ବ୍ୟବସାୟୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଥାନା ପାଖରେ ଥିବା ଦୋକାନରୁ ଯଦି ଏତେ ଗୁଡ଼ାଏ ଜିନିଷ ଚୋରି ହୋଇପାରିଲା ତେବେ ଅନ୍ୟମାନଙ୍କର ଅବସ୍ଥା କଣ ହେବ ତାହାହିଁ ସମସ୍ତଙ୍କୁ ଚିନ୍ତାଗ୍ରସ୍ତ କରିଛି।

## ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ



**ଦୋବଲ,୧୧।୬(ସମିସ):** ଧାମନଗର ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ଦ୍ୱାରା ଆୟୋଜିତ ନନ୍ଦିପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଚାଲୁ ରହିଥିବା ସାତ ଦିନିଆ ସ୍ୱତନ୍ତ୍ର ଗ୍ରୀଷ୍ମ କାଳୀନ ସେବା ଶିବିରରେ ପ୍ରଜାପିତା ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଧାମନଗର ଶାଖା ତରଫରୁ ଏକ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧାମନଗର ଶାଖାର ମୁଖ୍ୟ ବ୍ରହ୍ମକୁମାରୀ ଅନୁପମା ଛାତ୍ର ଅବସ୍ଥାରେ ନିଶା ଯୋଗୁ ବିପଥଗାମୀ ହେଉଥିବା ଅନେକ କୋମଳ ମତି ଛାତ୍ରଛାତ୍ରୀ କିପରି ନିଜକୁ ସଂଯମତାର ସହ ଦୂରେଇ ରଖିବେ ଏବଂ ଦେଶ ଜାତି ଓ ସମାଜ ପାଇଁ ଉତ୍ତମ ନାଗରିକର ଭୂମିକା ଗ୍ରହଣ କରିବେ ସେ ବିଷୟରେ ସ୍ୱେଚ୍ଛାସେବୀ ମାନଙ୍କୁ କହିଥିଲେ। ଏଥିସହିତ ବ୍ରହ୍ମକୁମାର ମହେଶ୍ୱର ଓ ପୂର୍ଣ୍ଣଚନ୍ଦ୍ର ରାଜଯୋଗ ଦ୍ୱାରା ବ୍ୟକ୍ତି ଚରିତ୍ରକୁ ଗଢିବା ସହ ନିଶା ନିବାରଣ ପାଇଁ ଛାତ୍ର ଜୀବନରେ ସହାୟତା କରେ ସେ ବିଷୟରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଡ. ମନୋଜ କୁମାର କର ସଭା ପରିଚାଳନା କରିବା ସହିତ ନିଶା ରୁ ନିବୃତ ରହିବାକୁ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ମାନଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟୁନ ୩୦ ଜଣ ସ୍ୱେଚ୍ଛାସେବୀ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ।

## ଖଜୁରୀଗଛରେ ବନ୍ଧା ହୋଇଛି ବିଦ୍ୟୁତ ଷ୍ଟେ

**ଭଣ୍ଡାରିପୋଖରୀ,୧୧।୬(ସମିସ):** ଭଣ୍ଡାରିପୋଖରୀ ବ୍ଲକ ସଦରମହକୁମାରେ ଅବସ୍ଥିତ ପାଳଦା ସେନାପତି ସାହି ହରିମଣ୍ଡପ ନିକଟରେ ଥିବା ଉଚ୍ଚଶକ୍ତି



ସମ୍ପନ୍ନ ୧୦୦ କେଭି ବିଦ୍ୟୁତ ଟ୍ରାନ୍ସଫର୍ମରର ଷ୍ଟେ ଖଜୁରୀ ଗଛରେ ଗତ ୪ ବର୍ଷ ହେଲା ବନ୍ଧା ହୋଇଛି। ୨ଟି ବିଦ୍ୟୁତ ଖୁଣ୍ଟରେ ଓଜନଦାର ଟ୍ରାନ୍ସଫର୍ମରକୁ ସମ୍ଭାଳିବା ଖଜୁରୀ ଗଛର ନାହିଁ। ଝଡପବନ, ଭାରି ବର୍ଷା ଦ୍ୱାରା ପ୍ରଭାବିତ ହେଲେ ଖଜୁରୀ ଗଛ ଭାର ସମ୍ଭାଳିବା ସମ୍ଭବ ନୁହେଁ। ସେହି ଟ୍ରାନ୍ସଫର୍ମରରୁ ବିଦ୍ୟୁତ ସରବରାହ ହେଉଥିବା ଏଲ.ଟି. ତାର ମାତ୍ର ୫ ଫୁଟ ଉଚ୍ଚତାରେ ଝୁଲୁଛି। ବିପଦ ସଙ୍କୁଳ ଅବସ୍ଥାରେ ଥିବା ଏହି ଟ୍ରାନ୍ସଫର୍ମରର ଷ୍ଟେ କୁ ଉପଯୁକ୍ତ ଭାବେ ବାନ୍ଧିବାକୁ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ବର୍ଷା ଦିନ ପୂର୍ବରୁ ଏହି ସମସ୍ୟା ଦୂର କରାଯିବ ବୋଲି ବିଭାଗୀୟ ଯନ୍ତ୍ରୀ ସରୋଜ କୁମାର ବେହୁରିଆ ମତ ଦେଇଛନ୍ତି।

■ ପାଣିଟାଙ୍କି ଛିଡ଼ା ହୋଇଛି; ପାଇପ୍ ବିଛା ହୋଇଛି

# ଲୋକେ ପାଉନାହାନ୍ତି ପାଣି ମୁନ୍ଦାଏ



**ଦୋବଲ,୧୧।୬(ସମିସ):** ଧାମନଗର ଅଞ୍ଚଳରେ ଜଳ ସଙ୍କଟ ଦେଖାଦେଲାଣି। ବ୍ଲକର ଅଧିକାଂଶ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଅକାମି ହୋଇ ପଡିଥିବାରୁ ଆଉ କିଛି ଦିନ ପରେ ଏହା ଉତ୍କୃଷ୍ଟ ରୂପ ଧାରଣ କରିବା ସମ୍ଭାବନା ରହିଛି। ଧାମନଗର ବ୍ଲକ ଦେହୁଡି ଆନନ୍ଦପୁର ପଞ୍ଚାୟତର ବିଭିନ୍ନ ଗାଁରେ ପାନୀୟ ଜଳ ସଂକଟ ଦେଖାଦେଇଛି। ଆନନ୍ଦପୁର, ଚମ୍ପାବାଗ, ଗୁଆବାଡ଼ି, ସେଠୀସାହି, ବାଲିପାଟଣା, ସପ୍ତାସାହି, ଚାନ୍ଦପାଟଣା, ମାନଲାପୁର, ପାହାଡ଼ ପୁର, ଖୁଣ୍ଟିଆ ସାହି, ଦାସ ସାହି ଓ ସଠଗାଁରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଅଧିକାଂଶ ଲୋକଙ୍କ ବାଡ଼ିରେ ଥିବା କୂଅ ଓ ନଳକୂପ ଶୁଖିଗଲାଣି। ଅଧିକାଂଶ ନଳକୂପରେ ପାଣି ଲେୟାର ସମସ୍ୟା ଦେଖାଦେଲାଣି। ପ୍ରାୟ ନଳକୂଅରୁ ବାଲତିଏ ପାଣି ବାହାରିବାକୁ ବହୁ ସମୟ ଲାଗୁଛି। ବିଶେଷ କରି ୭ ନମ୍ବର ୱାର୍ଡରେ ପାଣି ସମସ୍ୟା ବେଶୀ ହେଲାଣି। ସାହୁସାହି ଓ ପୋଷ୍ଟ ଅଫିସ ପାଖ ନଳକୂଅକୁ ଛାଡ଼ିଦେଲେ ଆଉ ସବୁ ନଳକୂଅରୁ ପାଣି ବାହାରିବା ମୁସ୍କିଲ। ଗାଁ କଡ଼ରେ ଯାଇଥିବା ବୈତରଣୀ ନଦୀରେ ପାଣି ନଥିବାରୁ ଗାଁ ଗୁଡ଼ିକର ନଳକୂଅ ଓ କୂଅରେ ପାଣି ଶୁଖିଗଲାଣି। ଏସବୁ ଗାଁକୁ ପିଇବା ପାଣି ଯୋଗାଇଦେବା ଲାଗି ମହାନ୍ତିସାହି ନାରାୟଣ ମନ୍ଦିର ପାଖରେ ୧ ଲକ୍ଷ ଲିଟର କ୍ଷମତା ସଂପନ୍ନ ପାଣି ଟାଙ୍କି କରାଯାଇଛି। ପ୍ରାୟ ୬୫୦ ଘରକୁ ପାଇପ୍ ବିଛାଯାଇ ଷ୍ଟାଣ୍ଡ ପୋଷ୍ଟ କରାଯାଇଛି ବୋଲି ଜଲ୍ ଜୀବନ ମିଶନ-ହର୍ ଘର ଜଲ୍ ପୋର୍ଟାଲରୁ ଜଣାପଡିଛି। ସେହିପରି ଲୋକମାନେ କିପରି ଭଲରେ ପାଣି ପାଇପାରିବେ, ସେଥିଲାଗି ପାଣି ସମିତି ହୋଇଛି। ହେଲେ ବାସ୍ତବ ସ୍ଥିତି ସଂପୂର୍ଣ୍ଣ ଅଲଗା। ଏ ସବୁ ଜନବସତିକୁ ପାଇପ୍ ବିଛା ସରିଛି। ହେଲେ ସବୁ ଲୋକଙ୍କ ଘର ଦୁଆରେ ଷ୍ଟାଣ୍ଡ ପୋଷ୍ଟ ହୋଇନାହିଁ କି ମୁଖ୍ୟ ପାଇପରୁ କନେକସନ ଦିଆଯାଇନାହିଁ। ବାବୁସାହି ଅଞ୍ଚଳରେ ଅଧିକାଂଶ ଘରକୁ ପାଣି ଆସୁନାହିଁ। ଗାଁ ଲୋକଙ୍କ କହିବା ଅନୁସାରେ, ପାଣି ପମ୍ପ ଚଲାଇବା ଲାଗି କାହାକୁ ନିଯୁକ୍ତି ଦିଆଯାଇନାହିଁ। ପାହାଡ଼ ପୁର ଖୁଣ୍ଟିଆ ସାହିରେ ପାଇପ୍ ବିଛା ହୋଇଛି ହେଲେ ଘରକୁ ପାଣି ଆସୁନି ସେହିପରି ପାଣି ଟାଙ୍କିର ପମ୍ପ ହାଉସରେ ଡିଜି ସେଟ୍ ମଧ୍ୟ ନାହିଁ। ଏଣୁ କରେଣ୍ଟ ନ ଥିଲେ ମୋଟର ଚାଲି ପାରୁନାହିଁ। ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ନିର୍ମାଣକାରୀ ଠିକାଦାର ପମ୍ପ ଚଲାଇବା ପାଇଁ କାଳେ ଦାୟିତ୍ୱ ଦେଇଛନ୍ତି। ଏଣୁ ସଂପୃକ୍ତ ବ୍ୟକ୍ତି ତାଙ୍କର ଆବଶ୍ୟକ ଅୁସାରେ ମୋଟର ଚଲାଉଥିବା କୁହାଯାଉଛି। ସକାଳ କିମ୍ବା ସନ୍ଧ୍ୟାରେ ମୋଟର ନ ଚଲାଇ ନିଜ ଇଛାରେ ମୋଟର ଚଲାଉଥିବା ଅଭିଯୋଗ ହୋଇଛି। ସେହିପରି ଅଧିକାଂଶ ଜନବସତିରେ ମୁଖ୍ୟ ପାଇପରୁ ଯାଇଥିବା ଡେଲିଭରି ପାଇପ୍ ଫାଟିଗଲାଣି। ରାସ୍ତାର ମାତ୍ର ଦେଢ଼ ଇଞ୍ଚ ତଳେ ଏହିସବୁ ପାଇପ୍ ବିଛା ଯାଇଥିବାରୁ ଭାରୀଯାନ ଚଳାଚଳ ଫଳରେ ପାଇପ ଗୁଡ଼ିକ ଫାଟିଗଲାଣି। ଯାହାଫଳରେ ପାଣି ଆସିଲେ ରାସ୍ତାରେ କୃତ୍ରିମ ବନ୍ୟା ସୃଷ୍ଟି କରୁଛି। ସେପଟେ ଲୋକେ ପିଇବାକୁ ପାଣି ପାଉନାହାନ୍ତି। ଯେଉଁ ଗାଁରେ ପାଇପ ବିଛା ଯାଇନାହିଁ ଓ ଯେଉଁଠି ପାଇପ ଫାଟିଛି ସେସବୁ ତୁରନ୍ତ ମରାମତି କରି କାର୍ଯ୍ୟକ୍ଷମ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ରାସନ ସାମଗ୍ରୀ ସହିତ ପନିପରିବା ଦର ଆକାଶଛୁଆଁ



**ବାରିକପୁର,୧୧।୬(ସମିସ):** ନିର୍ବାଚନ ପରବର୍ତ୍ତୀ ସମୟରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ଗୁଡିକ ମହଙ୍ଗା ହେବା କାରଣରୁ ସାଧାରଣ ଲୋକ ଏବେ ତ୍ରାହି ତ୍ରାହି ଡାକିଲେଣି। ପ୍ରଥମେ ଡାଲି, ଆଳୁ, ପିଆଜ, ତେଲର ମୂଲ୍ୟ ହୁହୁ ହୋଇ ବଢିଥିବା ବେଳେ ଏବେ ବଜାରରେ ପନିପରିବା ଦର ଆକାଶ ଛୁଆଁ ହେଲାଣି। ଖାଉଟି ତ ଖାଉଟି ଗ୍ରାମାଞ୍ଚଳର ଖୁଚୁରା ବ୍ୟବସାୟୀଟିଏ ଅଧିକ ପରିମାଣର ପନିପରିବା କ୍ରୟ କରିବାକୁ ଭୟ କରୁଛି।ବ୍ୟବସାୟ ରକ୍ଷା ପାଇଁ ଯେଉଁ ମୁଠେ ଅଧେ ପନିପରିବା ମଧ୍ୟ ଆସୁଛି ମୂଲ୍ୟ ଅତ୍ୟଧିକ ଥିବାରୁ ସଠିକ ସମୟରେ ଏହାକୁ ବିକ୍ରୟ କରିବା ମଧ୍ୟ କଷ୍ଟକର ହୋଇ ପଡୁଛି। ସୂଚନା ଅନୁସାରେ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ଗ୍ରାମ୍ୟ ବଜାର ଗୁଡିକରେ ଏବେ ପନିପରିବା ଦରକୁ ଦେଖି ଖାଉଟି ମାନଙ୍କ ହୋସ ଉଡିଯାଉଛି। ବ୍ଲକର ମଞ୍ଜୁରୀରୋଡ, କୁଲଣା, ଛତାବର, ଆଖୁଆପଦା, ବାରିକପୁର, ମାଳଦା, ସରସଦା ପ୍ରମୁଖ ଗ୍ରାମ୍ୟ ବଜାର ଗୁଡିକରେ ସମସ୍ତ ପରିବା ମିଳୁଥିଲେ ସୁଦ୍ଧା ଆବଶ୍ୟକ ଅନୁଯାୟୀ କ୍ରୟ କରିବା ସାଧାରଣ ଲୋକଙ୍କ ପାଇଁ ସମ୍ଭବ ହୋଇପାରିନାହିଁ। ସୂଚନା ଅନୁସାରେ ଟମାଟୋ କେଜିପ୍ରତି ୬୦, ଫୁଲକୋବି ୮୦, କଲରା ୬୦, ଭେଣ୍ଡି ୫୦, ଜହ୍ନି ୪୦, ବାଇଗଣ ୪୦, ଝୁଡ଼ଙ୍ଗ ୮୦, କଞ୍ଚାଲଙ୍କା କେଜିପ୍ରତି ୧୫୦ରୁ ୨୦୦ଟଙ୍କାରେ ବିକ୍ରୟ ହେଉଛି। ତେଣୁ ଗ୍ରାମାଞ୍ଚଳର ସାଧାରଣ ଲୋକଟିଏ ରୋଷେଇ ଘର ପାଇଁ ଆବଶ୍ୟକ କରୁଥିବା ପରିବା କ୍ରୟ କରିବାକୁ କୁଣ୍ଠାବୋଧ କରୁଛି। ଆଗକୁ ରଜ ଉତ୍ସବ ଥିବାରୁ ପନିପରିବାର ମୂଲ୍ୟ ଆହୁରି ବୃଦ୍ଧି ହେବ ବୋଲି କୁହାଯାଉଛି। ବଜାର ଦର ଉପରେ ରୋକ ଦେବାପାଇଁ ସରକାରୀ ସ୍ତରରେ ସେଭଳି କୌଣସି ପଦକ୍ଷେପ ନିଆଯାଉନାହିଁ। ନିର୍ବାଚନରେ ବ୍ୟୟ ବହୁଳ ଖର୍ଚ୍ଚର ପ୍ରତିଫଳନ ସିଧାସଳଖ ବଜାର ଉପରେ ପଡୁଥିବା କିଛି ବିଶେଷଜ୍ଞ ମତ ଦେଇଛନ୍ତି।

## ବନ୍ଧୁମିଳନ ଉତ୍ସବ



**ଭଣ୍ଡାରିପୋଖରୀ,୧୧।୬(ସମିସ):** ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ପଞ୍ଚାୟତର ବିଭୂତିପୁର ଗ୍ରାମ ଜଙ୍ଗଲରେ ବିରପଡା କ୍ଷେତ୍ରମୋହନ ମଧୁସୂଦନ ଉଚ୍ଚ ବିଦ୍ୟାଳୟ ୧୯୯୬ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂପୃକ୍ତ ବ୍ୟାଚର ଛାତ୍ରୀ କବିତାରାଣୀ ମାଝୀ ପ୍ରମୁଖଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ବିଦ୍ୟାଳୟର ଶିକ୍ଷକ ବାବୁଲି ଚନ୍ଦ୍ର ଖିଲାର, ଶ୍ରୀକାନ୍ତ ଦାସ, ଧିରମଣି ଲେଙ୍କା ଓ ଭୀମସେନ ଗିରି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସବିତା, ଭବାନୀ, ଚିନୁ, କନକ, ଅପର୍ଣ୍ଣା, ନମିତା, ମଧୁସ୍ମିତା, ସୁଜାତା, ସୁନିତା, ଚୁମକି, ଇଶ୍ୱରୀ, ପ୍ରଭାତ, ଶିବଶକ୍ତି, ହିମାଂଶୁ, ବିକାଶ, କେଦାର, ରାଧାମୋହନ, ପ୍ରକାଶ ପ୍ରମୁଖ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଜୀବନର ଅନୁଭୁତି ଓ ସାମ୍ପ୍ରତିକ ଜୀବନ ସମ୍ପର୍କରେ ପରସ୍ପର ସହ ଭାବ ବିନିମୟ କରିଥିଲେ। ଏହି ଅବସରରେ ଅତିଥି ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ର କୈଳାସ ଧନ୍ୟବାଦ ଅର୍ପଣ କରିଥିଲେ।

## ତାଏକ୍ୱୋଣ୍ଡୋରେ ପଦକ ଜିତିଲେ ବାସୁଦେବପୁର ଖେଳାଳି

**ବାସୁଦେବପୁର,୧୧।୬(ସମିସ):** ବାସୁଦେବପୁର ତୁକାଶୀ ତାଏକ୍ୱୋଣ୍ଡୋ ଏକାଡେମୀର ଖେଳାଳି ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ଉତ୍ତମ ପ୍ରଦର୍ଶନ କରି ସ୍ୱର୍ଣ୍ଣ ସହିତ ରୋପ୍ୟ ଓ କାଂଶ୍ୟ ପଦକ ଜିତି ବାସୁଦେବପୁର ଅଞ୍ଚଳ ପାଇଁ ଗୌରବ ଆଣି ଦେଇଛନ୍ତି। ତାଏକ୍ୱୋଣ୍ଡୋର ଫାଇଟ ପ୍ରତିଯୋଗିତାରେ ଏକାଡେମୀର ଖେଳାଳି ଦୀପଙ୍କର ବେହେରା ଓ ସୋହମ ମହାପାତ୍ର ସ୍ୱର୍ଣ୍ଣ ପଦକ ହାତେଇ ଥିବା ବେଳେ ରୋକେୟା କାଦ୍ରୀ ରୋପ୍ୟ ପଦକ, ଏସପି ସୌରଭ ସାଇ ସିଦ୍ଧି ବାରିକ ଓ ସାଇକ୍ରୀଷ୍ଟା ମହାପାତ୍ର କାଂଶ୍ୟ ପଦକ ବିଜୟୀ ହୋଇଥିଲେ। ସେହିପରି ପୁମସେ ବିଭାଗରେ ପ୍ରଶାନ୍ତ କୁମାର ବାରିକ ସ୍ୱର୍ଣ୍ଣ ଓ ଦିବ୍ୟଶ୍ରୀ ବେହେରା, ଦୀପଙ୍କର ବେହେରା ରୌପ୍ୟ ଓ ସାଇସିଦ୍ଧି ବାରିକ କାଂଶ୍ୟ ପଦକ ହାସଲ କରିଛନ୍ତି। ଅନୁରୂପ ଭାବେ ଯୁଗ୍ମ ପୁମସେର ଜୌତିରଞ୍ଜନ କର ଓ ଦିବ୍ୟଶ୍ରୀ ବେହେରା ରୋପ୍ୟ ପଦକ ହାସଲ କରିଛନ୍ତି। ଏଥିସହିତ ସ୍ୱର୍ଣ୍ଣ ବିଜେତା ଖେଳାଳିମାନଙ୍କୁ ରାଷ୍ଟ୍ରୀୟ ସ୍ତରରେ ଅଂଶଗ୍ରହଣ କରିବା ପାଇଁ ସବୁଜ ସଙ୍କେତ ମିଳିଥିବା ଏକାଡେମୀର ମୁଖ୍ୟ ପ୍ରଶିକ୍ଷକ ତଥା ଅବସରପ୍ରାପ୍ତ ସେନାଧିକାରୀ କୈଳାଶ ଚନ୍ଦ୍ର ନାଥଙ୍କ ସୂଚନାରୁ ଜଣାପଡିଛି।


## ପ୍ରଥମ ଶ୍ରାଦ୍ଧବାର୍ଷିକୀ

ଆବିର୍ଭାବ:
୧୦.୦୮.୧୯୨୮



ତିରୋଧାନ:
୨୫.୦୫.୨୦୨୩

### ସ୍ୱର୍ଗତ ନାରାୟଣ ତ୍ରିପାଠୀ

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପ୍ରେରଣା, ଦିଗଦର୍ଶନ, ସହନଶୀଳତା ଆମମାନଙ୍କର ଜୀବନର ପାଥେୟ ହେଉ। ଆଜି ଆପଣଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମମାନଙ୍କର ବିନମ୍ର ପ୍ରାର୍ଥନା ।

ପୁଅ-ସୁଶାନ୍ତ ତ୍ରିପାଠୀ, ବୋହୁ-ଅଂଶୁ ତ୍ରିପାଠୀ,
ନାତିନାତୁଣୀ- ସୂର୍ଯ୍ୟକାନ୍ତ ଓ ଅଙ୍କିତା
ଏବଂ ଶୋକସନ୍ତପ୍ତ ତ୍ରିପାଠୀ ପରିବାରବର୍ଗ
C/1290, 1st Floor, CDA, Sector-VI, Cuttack-753014

ସୌଜନ୍ୟ-
30 YEARS Celebrating P&A advertising agency pvt. ltd. | PIXCELADS | hp Minerals | MO Fashion | WEALTHVITA IMF PRIVATE LIMITED


ନଦୀଗର୍ଭ ପୁନରୁଦ୍ଧାର ହେଉନି

# ବିପଦ ଆଶଙ୍କାରେ ନଦୀକୂଳିଆବାସୀ





**ବନ୍ତ/ଆଗରପଡ଼ା,୧୧।୬(ସମିସ):** ଆବାହନ କାଳରୁ ସାଳନ୍ଦୀ ନଦୀ ବନ୍ତ ବ୍ଲକର ଆଗରପଡା ଦେଇ ବହି ଯାଇଥିବା ବେଳେ ଏହାର ଶାଖା ପ୍ରଶାଖା ନଦୀ ଗୁଡ଼ିକ ଭଦ୍ରକ, ବାଲେଶ୍ୱର, କେନ୍ଦୁଝର ଜିଲ୍ଲାକୁ ପ୍ରବାହିତ ହୋଇଛି। ଏହି ନଦୀ କୂଳରେ ଶତାଧିକ ବେଆଇନ ଇଟାଭାଟି ଚାଲିଛି। ନଦୀ ପଠାରୁ ମାଟି ଖନନ କରାଯାଇ ଏଥିରେ ବ୍ୟବହୃତ ହେଉଛି। ଯଦ୍ୱାରା ନଦୀ କୂଳ ସବୁ ଖାଇ ଯାଇଛି। ବର୍ଷାଋତୁ ଆସିଲେ ବର୍ଷା ପ୍ରଭାବରେ ନଦୀ ପାଣି କ୍ରମଶଃ ଫୁଲି ଗ୍ରାମାଭିମୁଖି ହେଉଥିବାରୁ ନଦୀ କୂଳିଆ ଗ୍ରାମବାସୀମାନେ ବିପଦ ଆଶଙ୍କାରେ ରହିଛନ୍ତି। ଏହି ନଦୀର ଜଳକୁ କୃଷି କ୍ଷେତ୍ରରେ ବିନିଯୋଗ କରିବା ପାଇଁ ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ ସେହି ସମୟରେ ପାଶ୍ୱର୍ବର୍ତ୍ତି କେନ୍ଦୁଝର ଜିଲ୍ଲା ହଦଗଡ ଠାରେ ଏକ ଡ୍ୟାମ ପ୍ରତିଷ୍ଠା କରିଥିଲେ। ଏଥିରେ ଜଳନିୟନ୍ତ୍ରିତ ହେବା ସହ ଏହି ଜଳକୁ ବିଭିନ୍ନ କେନାଲ ମାଧ୍ୟମରେ ଛଡାଯିବା ଫଳରେ ୩ଗୋଟି ଜିଲ୍ଲା କୃଷିଅର୍ଥନୀତି ଉପରେ ବେଶ ପ୍ରଭାବ ପକାଉଥିବା ବେଳେ ଏବେ ସାଳନ୍ଦୀ ନଦୀ କୂଳ ଖାଇ ଗ୍ରାମାଭିମୁଖୀ ହେବାଯୋଗୁଁ ନଦୀ କୂଳିଆ ଗ୍ରାମକୁ ବିପଦ ସୃଷ୍ଟି କରୁଛି। ପ୍ରତିବର୍ଷ ବର୍ଷାଦିନରେ ସାଳନ୍ଦୀ ନଦୀରେ ଏହିପରି ମନୁଷ୍ୟକୃତ ବନ୍ୟା ଆସି ନଦୀ ଜଳ ଲୋକଙ୍କର କ୍ଷୟକ୍ଷତି ପହଞ୍ଚାଉଛି। ସୂଚନାଯୋଗ୍ୟ, ୧୦୨କୋଟି ଟଙ୍କା ଅନୁଦାନରେ ୨୦୦୫-୦୬ ଆର୍ଥିକ ବର୍ଷରେ ସାଳନ୍ଦୀ ସଂସ୍କାର ଯୋଜନା ଅର୍ଥ ମଞ୍ଜୁର ହୋଇଥିଲା। ମାତ୍ର ଉକ୍ତ ଯୋଜନା ଅନୁଦାନ ରାଶି ଉପଯୁକ୍ତ ବିନିଯୋଗ ନହେବାରୁ କ୍ରମଶଃ ନଦୀର ଗତିପଥ ବଦଳି ଜନବସତି ଆଡକୁ ମାଡି ଆସୁଛି। ଏ ଅଞ୍ଚଳରେ ନଦୀକୂଳରେ ଅବସ୍ଥିତ ପାଟକନା, ମହାନ୍ତିପଡା, ରାଉତରାପୁର, ହଳଦୀପହଣି, କାଣ୍ଡବା, ଗୋପିନାଥପୁର, କୁଆଁଶମଢିଆ, ହରିପୁର, ଘଣ୍ଟଗଡିଆ, ନରାଜପୁର, ବଡମହିଷଗୋଠ, ଟିକିରା, ଚାରିଗାଁ, ଶ୍ରୀରାମପୁର, ଯଶବନ୍ତପୁର, ରାଜନଗର ମଙ୍ଗଳପୁର,ଅଣିଜୋ,ନରିପୁର, ବିରିଡିହି ଆଦି ଗ୍ରାମବାସୀ ଏନେଇ ଚିନ୍ତା ପ୍ରକଟ କରିଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

# ଏଟିଏମ୍ କାର୍ଡ ଠକେଇ ଘଟଣାର ଅଭିଯୁକ୍ତ କୋର୍ଟ ଚାଲାଣ

**କୁଆଖିଆ,୧୧।୬(ସମିସ):** କୁଆଖିଆ ଥାନା ଅନ୍ତର୍ଗତ ରାହାମ୍ବା ଗ୍ରାମର ଶିବାନନ୍ଦ ନାଥଙ୍କ ଏଟିଏମ୍ କାର୍ଡକୁ ବ୍ୟବହାର କରି ଜନୈକ ଅଭିଯୁକ୍ତ ୨୩ ହଜାର ଟଙ୍କା ହଡପ କରିଥିବା ଘଟଣା କରିଥିବା ନେଇ ଥାନାରେ ଚଳିତ ମାସ ୯ ତାରିଖରେ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗ ଆଧାରରେ ପୁଲିସ ଅଭିଯୁକ୍ତ ଭଦ୍ରକ ଜିଲାର ଅମ୍ରିତ କୁମାର ବେହେରାକୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ ଯେ ଚଳିତ ମାସ ୮ ତାରିଖ ଦିନ ଶିବାନନ୍ଦ କୁଆଖିଆ ବଜାର ଅଂଚଳରେ ଥିବା ଏକ ଏଟିଏମ୍ ମେସିନରୁ ଟଙ୍କା ଉଠାଣ କରି ଭୁଲବଶତଃ ଏଟିଏମ୍ ନିକଟରେ କାର୍ଡଟକୁ ଛାଡି ଚାଲି ଯାଇଥିଲେ। ପରବର୍ତ୍ତି ସମୟରେ ଅନ୍ୟ ଗ୍ରାହକ ଆସି ଏଟିଏମ୍‌ରୁ ଟଙ୍କା ଉଠାଣ କରିଥିଲେ। ମେସିନ ପାଖରେ ଥୁଆ ହୋଇଥିବା କାର୍ଡଟି ପ୍ରତି ଧ୍ୟାନ ଦେଇ ନଥିଲେ। ମାତ୍ର ଅଭିଯୁକ୍ତ ଅମ୍ରିତ ଟଙ୍କା ଉଠାଇବାକୁ ଆସି ମେସିନ ପାଖରେ ଥୁଆ ହୋଇଥିବା କାର୍ଡଟକୁ ବ୍ୟବହାର କରିଥିଲେ। ଅନୁମାନ ଲଗାଇ ପିନ୍ ବ୍ୟବହାରକରି ଏଟିଏମ୍‌ରୁ ଟଙ୍କା ଉଠାଇବାକୁ ସଫଳ ହୋଇଥିଲେ। ଏହିଭଳି ଭାବରେ ବିଭିନ୍ନ ଏଟିଏମ୍‌କୁ ବ୍ୟବହାର କରି ତାଙ୍କ ଆକାଉଁଟରୁ ୨୩ହଜାର ଟଙ୍କା ଉଠାଇ ନେଇଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲେ। ପୁଲିସ ପକ୍ଷରୁ ଏଟିଏମ୍‌ରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରିବା ସହ ଅଭିଯୁକ୍ତ ଆକାଉଣ୍ଟ ଓ ମୋବାଇଲ ନମ୍ବର ଟ୍ରାକିଂ କରି ଅଭିଯୁକ୍ତ ପାଖରେ ପହଁଚିବାକୁ ସକ୍ଷମ ହୋଇଥିଲେ। ଅଭିଯୁକ୍ତ ଅମ୍ରିତ କୁଆଖିଆ ଥାନା ଅଂଚଳରେ ଶଶୁର ଘରେ ରହୁଥିବା ଜାଣି ପୁଲିସ ସୋମବାର ତାକୁ ଗିରଫ କରିଥିଲା। ଏ ନେଇ ନଂ.୨୭୩/୨୪ରେ ଏକ ମାମଲା ରୁଜୁ କରିବା ସହ ଏସ.ଆଇ ହେମଲତା ଦାସ ମାମଲାର ତଦନ୍ତ କରୁଛନ୍ତି।

# ବିଏଲ୍‌ଓଙ୍କ ସ୍ମୃତିଚାରଣ ସଭା



**ସିଂହପୁର,୧୧।୬(ସମିସ):** ଯାଜପୁର ଜିଲ୍ଲା ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ୧୫୭ ନଂ ବୁଥ୍‌ରେ ଭୋଟ ଗ୍ରହଣ କାର୍ଯ୍ୟ କରୁଥିବା ବେଳେ ଅଂଶୁଘାତରେ ପ୍ରାଣ ହରାଇ ଥିବା ବିଏଲଓ ମନୋରଞ୍ଜନ ସାହୁଙ୍କ ଆମର ଆତ୍ମାର ସତଗତି ପାଇଁ ଆଜି ତାଙ୍କର ଏକାଦଶାହରେ କ୍ୟାଣ୍ଡେଲ ଶୋଭାଯାତ୍ରା ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ବିଞ୍ଝାରପୁର ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରବି ନାରାୟଣ ମହାନ୍ତିଙ୍କ ସଭାପତିତ୍ୱ ରେ ଆୟୋଜିତ ସ୍ମୃତିଚାରଣ ସଭାରେ ବିଭିନ୍ନ ଅଞ୍ଚଳରୁ ବହୁ ଶିକ୍ଷକ ଶିକ୍ଷୟିତ୍ରୀ, ପୁରାତନ ଛାତ୍ରଛାତ୍ରୀ, ବନ୍ଧୁପରିଜନ ଯୋଗଦେଇ ସ୍ୱର୍ଗତ ମନୋ ରଞ୍ଜନ ସାହୁଙ୍କ ସ୍ମୃତି ଚାରଣ କରିଥିଲେ। ନିର୍ବାଚନ କାର୍ଯ୍ୟ କରୁଥିବାବେଳେ ମୃତ୍ୟୁବରଣ କରିଥିବା ବିଏଲଓ ମନୋରଞ୍ଜନଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ ପାଇଁ ନିବେଦନ କରାଯାଇଛି।

# ମଧୁପୁର ପ୍ରେସ୍ ଫୋରମ୍ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା



**ଚଢ଼େଇଧରା,୧୧।୬(ସମିସ):** ଯାଜପୁର ଜିଲ୍ଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀର ନବନିର୍ବାଚିତ ଯୁବ ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ମଧୁପୁର ପ୍ରେସ୍ ଫୋରମ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଛି। ଫୋରମର ସଭାପତି ସୁବ୍ରତ କୁମାର ମଲିକଙ୍କ ଉଦ୍ୟମ କ୍ରମେ ସମ୍ପାଦକ ଶତ୍ରୁଘନ ରାଉଳ, ଅଜିତ ମିଶ୍ର, ଈଶ୍ୱର ବାରିକ, ପ୍ରଶାନ୍ତ ରାଉତ, ସତ୍ୟ ରଞ୍ଜନ ନାୟକ, ଯଶୋବନ୍ତ ନାୟକ, ଶରତ ସ୍ୱାଇଁ, ପ୍ରମୋଦ ଜେନା, ରଜନୀ ବେହେରାଙ୍କ ସହଯୋଗରେ ଏହି ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଗତ ସୋମବାର ସନ୍ଧ୍ୟା ୭ଟାରେ ବିଧାୟକ ହିମାଂଶୁ ଶେଖରଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ସହିତ ସମ୍ବର୍ଦ୍ଧନା କରାଯାଇଥିଲା। ସମ୍ବର୍ଦ୍ଧନା ଗ୍ରହଣ କରି ବିଧାୟକ କହିଥିଲେ ଯେ, ସାମ୍ବାଦିକ ହେଉଛନ୍ତି ସମାଜର ଦର୍ପଣ। ଜଣେ ସାମ୍ବାଦିକର କଲମ ମୁନରେ ସମାଜର ଚିତ୍ରପଟ ବଦଳି ପାରିବ। ସାମ୍ବାଦିକମାନଙ୍କ ସହଯୋଗରେ ଧର୍ମଶାଳାର ବିକାଶ ପାଇଁ ମୁଁ ଚେଷ୍ଟା କରିବି ବୋଲି କହିଥିଲେ।

### ଭଲ ନାହିଁ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ

# ସମସ୍ୟା ଘେରରେ ଦାନଗଦୀ ଡାକ୍ତରଖାନା



**ଦାନଗଦୀ,୧୧।୬(ସମିସ):** ଶିଳ୍ପନଗରୀ କଳିଙ୍ଗନଗରରେ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହେଉଛି ଏକ ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର। ଏହା ଉପରେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ୧୨ ଗୋଟି ଉତ୍ପାଦନକ୍ଷମ କାରଖାନା ସମେତ ବହୁ ଖଣି ଅଞ୍ଚଳର ଶ୍ରମିକ ଓ କର୍ମଚାରୀମାନେ ସ୍ୱାସ୍ଥ୍ୟ ସେବା ପାଇଁ ନିର୍ଭର କରିଥାନ୍ତି। ଏହି ଡାକ୍ତରଖାନାକୁ ଦୈନିକ ୩/୪ଟି ଶବ ବ୍ୟବଚ୍ଛେଦ ପାଇଁ ଆସିଥାଏ। କଳକାରଖାନା, ସଡ଼କ ସମେତ ବିଭିନ୍ନ ଦୁର୍ଘଟଣାରେ ଏହି ଡାକ୍ତରଖାନାକୁ ଜରୁରୀକାଳୀନ ଚିକିତ୍ସା ପାଇଁ ରୋଗୀମାନେ ଆସିଥାନ୍ତି। ହେଲେ ସେମାନଙ୍କୁ ଚିକିତ୍ସା କରିବା ପାଇଁ ଆବଶ୍ୟକ ସ୍ପେସିଆଲିଷ୍ଟ ଡାକ୍ତର ନ ଥିବାରୁ ବହୁ ରୋଗୀ ମୃତ୍ୟୁ ମୁଖରେ ପଡୁଛନ୍ତି। ଦୁର୍ଘଟଣା ଜନିତ ରୋଗୀଙ୍କ ପାଇଁ ରକ୍ତର ଆବଶ୍ୟକତା ଥିବାବେଳେ ଏଠାରେ ବ୍ଲଡ୍‌ବ୍ୟାଙ୍କ୍‌ର ସମସ୍ତ ଉପକରଣ ଥାଇ ମଧ୍ୟ ଏହା କାର୍ଯ୍ୟକ୍ଷମ ନ ହୋଇ ପଡ଼ିରହିଛି। ଯାହାକି ବହୁ ରୋଗୀ ରକ୍ତ ପାଇଁ ମୃତ୍ୟୁ ମୁଖରେ ପଡୁଛନ୍ତି। ଏଠାରେ ସର୍ଜରୀ, ମେଡ଼ିସିନ, ସ୍ତ୍ରୀ ଓ ପ୍ରସୂତି ବିଭାଗ, ଶିଶୁ ବିଭାଗ ଆଦିରେ ଦୀର୍ଘଦିନ ହେବ ସ୍ପେସିଆଲିଷ୍ଟ ଡାକ୍ତର ନାହାନ୍ତି। ଏମ୍‌ବିବିଏସ୍ ଡାକ୍ତରମାନେ ରୋଗୀସେବା କରୁଛନ୍ତି। ବିଭାଗୀୟ ଡାକ୍ତର ନ ଥିବାରୁ ବହୁ ଶିଶୁ ଓ ମାତୃ ଚିକିତ୍ସା ଅଭାବରୁ ମୃତ୍ୟୁ ମୁଖରେ ପଡୁଛନ୍ତି। ଅତ୍ୟାବଶ୍ୟକୀୟ ରୋଗୀମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠା ଯାଉଛି। ସେହିପରି କାର୍ଯ୍ୟରତ ଡାକ୍ତରମାନଙ୍କ ପାଇଁ ଆବଶ୍ୟକ ମୁତାବକ କ୍ୱାର୍ଟର୍ସ ନଥିବାରୁ ସେମାନେ ବାହାରେ ରହୁଛନ୍ତି। ୬ କୋଟି ଟଙ୍କା ବ୍ୟୟରେ ନବନିର୍ମିତ ଏମ୍‌ସିଏଚ କୋଠାଟି ଭୂତକୋଠି ଭଳି ପଡ଼ିରହିଛି। ନିର୍ବାଚନ ପୂର୍ବରୁ କାମ ଶେଷ ନ ହୋଇ ଏହାକୁ ଉଦ୍‌ଘାଟନ କରିଦିଆଯାଇଛି। ଯାହାକି ଏହା ଏବେ ଅନୁପଯୋଗୀ ହୋଇ ପଡ଼ିରହିଛି। ଅଂଶୁଘାତ ରୋଗୀ ମାନଙ୍କ ପାଇଁ ଆବଶ୍ୟକ ୱାର୍ଡର ବ୍ୟବସ୍ଥା ନାହିଁ। ନିରାମୟ ଯୋଜନାକୁ ନିୟମିତ କରାଯାଉନାହିଁ। ପରିମଳ ବ୍ୟବସ୍ଥା ନ କହିବା ଭଲ। ୪୦ ହଜାର ଜନ ସାଧାରଣ ଏହି ଡାକ୍ତରଖାନା ଉପରେ ନିର୍ଭର କରି ଆସୁଛନ୍ତି ହେଲେ ସ୍ୱାସ୍ଥ୍ୟ ବିଭାଗ ଏହି ଡାକ୍ତରଖାନା ପ୍ରତି ଦୃଷ୍ଟି ଦେଉନାହିଁ। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଲୋକେ ଦାବି କରିଛନ୍ତି।

# ଉଦୀୟମାନ ମହିଳା ସଂଗଠନ ପକ୍ଷରୁ ରଜ ପ୍ରସ୍ତୁତି



**ବଡଚଣା,୧୧।୬(ସମିସ):** ପ୍ରତିବର୍ଷ ପରି ଚଳିତ ବର୍ଷ ରଜ ମହୋତ୍ସବ ପାଇଁ ଉଦୀୟମାନ ମହିଳା ସଂଗଠନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏହି ଉତ୍ସବରେ କବାଡି, ଗୁଡ଼ି ଉଡାଣ, ସ୍ୱାଦିଷ୍ଟ ପୋଡ଼ପିଠା, ଖିଲିପାନ, ରଜ ଦୋଳି ପ୍ରତିଯୋଗିତା ସହିତ ମହିଳା ମାନଙ୍କ ମଧ୍ୟରେ ଆକର୍ଷଣୀୟ ଖେଳ ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀ ମାନଙ୍କୁ ଶେଷ ରଜରେ ପୁରସ୍କୃତ କରାଯିବ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ସୁଗୃହିଣୀ ପ୍ରତିଯୋଗିତାରେ ଯୋଗ୍ୟ ବିବେଚିତ ପ୍ରତିଯୋଗୀଙ୍କୁ ସୁନା ମଙ୍ଗଳ ସୂତ୍ର, ମୁଦି, କାନଫୁଲ, ରୂପା ପାଉଁଜୀ, ଅଣ୍ଟା ବିଛା, ଆର୍ମଲେଟ୍ ଓ ଅନ୍ୟାନ୍ୟ ଉପହାର ମାନ ପ୍ରଦାନ କରାଯିବ। ଏହା ସହିତ ସଂନ୍ଧ୍ୟାରେ ଉଦୀୟମାନ କଳାପରିଷଦର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପାରମ୍ପରିକ ରଙ୍ଗାରଙ୍ଗ ନୃତ୍ୟ ପରିବେଷିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

# ୧୬ନଂ. ରାଜପଥରୁ ହଟିଲା ଅବରୋଧ

■ ଗାଡି ଚଳାଚଳ ହେଲା ସ୍ୱାଭାବିକ



**ପାଣିକୋଇଲି,୧୧।୬(ସମିସ):** ଆଜି ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥରୁ ହଟିଲା ଅବୋରାଧ। ଦୀର୍ଘ ୧ ବର୍ଷ ହେବ ଦୁଇଟି ପୋଲର ମରାମତି ପାଇଁ ୧୬ ନମ୍ବର ଜାତୀୟ ରାଜପଥକୁ ପାଣିକୋଇଲି ଟ୍ରମା କେୟାର ନିକଟରୁ ପଥରପଦା ମଧ୍ୟରେ ରାସ୍ତା ଅବରୋଧ କରାଯାଇଥିଲା। ଗୋଟିଏ ପଟ ରାସ୍ତାରେ ଉଭୟ ପଟର ଗାଡି ଯାତାୟତ ହେଉଥିଲା। ଏହି ରାସ୍ତା ଅବରୋଧ ଫଳରେ ବାରମ୍ବାର ଦୁର୍ଘଟଣା ଘଟି ୧୦ରୁ ଅଧିକ ଜୀବନହାନୀ ସହ ଶତାଧିକ ଦୁର୍ଘଟଣା ହେବାର ନଜିର ଅଛି। ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପରେ ବିଭାଗ ପାଲଟିଥିଲା ନିଦାବିଷ୍ଣୁ। ଜନଅସନ୍ତୋଷ ଓ ଆନ୍ଦୋଳନର ଚେତାବନୀ ପ୍ରକାଶ ପାଇବା ପରେ ଆଜି ବିଭାଗର ନିଦ ଭାଙ୍ଗିଛି। ରାସ୍ତା କାର୍ଯ୍ୟ ସରିବା ପରେ ମଧ କାହିଁକି ରାଜପଥ ଅବରୋଧ ହଟୁନି ବୋଲି ପ୍ରଶ୍ନ କରାଯାଇଥିଲା। ଏନେଇ ରାଜପଥ ବିଭାଗ ସହିତ ଆଲୋଚନା ପରେ ଆଜି ରାଜପଥରୁ ଅବରୋଧ ହଟିଛି। ମାଟି କାଣ୍ଡି କରି ରାଜପଥକୁ ଅଟକାଯାଇଥିବା ବେଳେ ଆଜି ଜେସିବି ସାହାଯ୍ୟରେ ଉକ୍ତ ଦୁଇଟି ପୋଲରୁ ମାଟି ଉଠାଯାଇ ଗାଡି ଚଳାଚଳ ସ୍ୱାଭାବିକ କରାଯାଇଛି। ଫଳରେ କେବଳ ଦୁର୍ଘଟଣାକୁ ଏଡାଯାଇନାହିଁ ବରଂ ଟ୍ରାଫିକ ସମସ୍ୟାରୁ ଓ ବାରମ୍ବାର ଗାଡି ଜାମରୁ ପୁଲିସକୁ ରକ୍ଷା ମିଳିଛି।

# ରକ୍ତ କର୍କଟରେ ଛାତ୍ରଙ୍କ ଅକାଳ ବିୟୋଗରେ ଶୋକ



**ସୁକିନ୍ଦା,୧୧।୬(ସମିସ):** ସୋମବାର ଦିନ ସୁକିନ୍ଦା ସଦର ମହକୁମାର ଜଣେ ଛାତ୍ରଙ୍କର ରକ୍ତ କର୍କଟରେ ମୃତ୍ୟୁ ଘଟିଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତ ଛାତ୍ର ହେଉଛନ୍ତି ସୁକିନ୍ଦା ବାରିକ ସାହିର ସନ୍ତୋଷ ମହାନ୍ତିଙ୍କ ପୁଅ ଆକାଶ ମହାନ୍ତି(୧୬)। ଆକାଶ +୨ ପ୍ରଥମ ବର୍ଷର ଛାତ୍ର ଏବଂ ସ୍ୱଭାବରେ ଅତି ନମ୍ର। ଆକାଶ ମୃତ୍ୟୁ ଖବର ପାଇ ଅଶୋକର ଅନେକ ସହପାଠୀ ଓ ପାଖ ପଡୋଶୀ ସୁକିନ୍ଦା ବାସଭବନରେ ପହଞ୍ଚିଥିଲେ। ସେହି ସମୟରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗତ କିଛିମାସ ଧରି ଆକାଶ ବେକରେ ଯନ୍ତ୍ରଣା ଅନୁଭବ କରିବାରୁ ବାପା ସନ୍ତୋଷ କଟକରେ ଚିକିତ୍ସା କରାଉଥିଲେ। ଗତ ସପ୍ତାହରେ ଆକାଶର ସ୍ୱାସ୍ଥ୍ୟ ଅବସ୍ଥା ହଠାତ୍ ଖରାପ ହେବାରୁ ପରିବାର ଲୋକେ କଳିଙ୍ଗନଗର ସ୍ଥିତ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ନସୁଧୁରିବାରୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସା ରକ୍ତ କର୍କଟ ହୋଇଥିବା ଜଣାପଡିଥିଲା ଓ ଅବସ୍ଥା ଗୁରୁତର ଥିବା ଡାକ୍ତର ପ୍ରକାଶ କରିଥିଲେ। ଗତ ସୋମବାର ଦିନ ଚିକିତ୍ସାଧୀନ ଅବସ୍ଥାରେ ଆକାଶର ମୃତ୍ୟୁ ଘଟିଥିଲା।

# ନିଟ୍ ପରୀକ୍ଷାରେ ଦଶରଥପୁରର ଟପ୍ପର ହେଲେ ଶୁଭଙ୍କର



**ଦଶରଥପୁର,୧୧।୬(ସମିସ):** ଚଳିତ ବର୍ଷ ସର୍ବଭାରତୀୟ ଡାକ୍ତରୀ ଶିକ୍ଷା ନିମନ୍ତେ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା (ନିଟ୍) ରେ ଦଶରଥପୁର ବ୍ଲକ ଅନ୍ତର୍ଗତ ପାଲଟପୁର ପଞ୍ଚାୟତ କମାରସାହି ଅଞ୍ଚଳର ଶୁଭଙ୍କର ବେହେରା ସର୍ବମୋଟ୍ ୬୭୬ ନମ୍ବର ରଖି ଦଶରଥପୁର ବ୍ଲକରେ ଟପ୍ପର ହେବାର ସଫଳତା ଅର୍ଜନ କରିଛନ୍ତି। ଅଧ୍ୟାପକ ରମାକାନ୍ତ ବେହେରା ଓ ସତ୍ୟଭାମା ରାଉଳଙ୍କ ପୁତ୍ର ଶୁଭଙ୍କର ପିଲାଦିନରୁ ଜଣେ ମେଧାବି ଛାତ୍ରଭାବେ ସୁନାମ ଅର୍ଜନ କରିଥିବା ବେଳେ ତାଙ୍କର ଏହି ସଫଳତାର ଶ୍ରେୟ ସେ ନିଜ ପିତାମାତାଙ୍କ ସହିତ ସେ ଶିକ୍ଷାଗ୍ରହଣ କରୁଥିବା ଶିକ୍ଷାନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକାଙ୍କୁ ଶ୍ରେୟ ପ୍ରଦାନ କରିଛନ୍ତି। ଭବିଷ୍ୟତରେ ଜଣେ ସର୍ଜରୀ ବିଶେଷଜ୍ଞ ହୋଇ ଜନସେବା କରିବା ଆଶା ରଖିଥିବା ଶୁଭଙ୍କର ପ୍ରକାଶ କରିଛନ୍ତି।

# ସୁକିନ୍ଦା ରଜ ମହୋତ୍ସବ ପାଇଁ ବ୍ୟାପକ ପ୍ରସ୍ତୁତି



**ସୁକିନ୍ଦା,୧୧।୬(ସମିସ):** ୧୭ତମ ସୁକିନ୍ଦା ରଜ ମହୋତ୍ସବ ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି। ଗତ କିଛିଦିନ ପୂର୍ବରୁ ଏକ ପ୍ରସ୍ତୁତି ବୈଠକ ରାମଲୀଳା ଯୁବକ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ସର୍ବସମ୍ମତି କ୍ରମେ ଜଗବନ୍ଧୁ ବେଜଙ୍କୁ ମହୋତ୍ସବ କମିଟି ସଭାପତି ଓ ସତ୍ୟବ୍ରତ ବାରିକଙ୍କୁ ସମ୍ପାଦକ ଭାବେ ଦାୟିତ୍ୱ ପ୍ରଦାନ କରାଯାଉଛି। ୧୭ବର୍ଷରେ ପଦାର୍ପଣ କରିବାକୁ ଯାଉଥିବା ଏହି କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ସହ ଶାନ୍ତି ଶୃଙ୍ଖଳାରେ ପାଳନ କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ ଜାରି ରହିଥିବା କର୍ମକର୍ତ୍ତା ସୂଚନା ଦେଇଛନ୍ତି। ମହୋତ୍ସବରେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ବୈଠକ ଅନୁଷ୍ଠିତ ହୋଇ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ସୁକିନ୍ଦା ସ୍ଥିତ ରାମଲୀଳା ଯୁବକ ସଂଘ ପକ୍ଷରୁ ଆୟୋଜିତ ଏହି ବୈଠକରେ ସଂଘର ସମସ୍ତ ବରିଷ୍ଠ ଓ କନିଷ୍ଠ ସଭ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ଜନିତ ନିଜ ନିଜର ମନ୍ତବ୍ୟ ପ୍ରଦାନ କରିଥିଲେ। ସୁକିନ୍ଦା ଗୁଣ୍ଡିଚା ମନ୍ଦିର ପରିସରରେ ଆସନ୍ତା ୧୪ରୁ ୧୭ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ପାଳନ କରାଯିବ। ୪ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବକୁ ସୁଚାରରୂପେ ସମ୍ପାଦନ ପାଇଁ ଏକ କମିଟି ଗଠନ କରାଯାଇ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ବୈଠକରେ ରାଜକିଶୋର ଆଚାରି, ପୀତବାସ ବେହେରା, ବଳରାମ ବେହେରା, ଯୁଗଳ ବେହେରା, ମନୋରଞ୍ଜନ ବେହେରା, ମୃତ୍ୟୁଞ୍ଜୟ ପରିଛା, ଲବଲୁ ବାରିକ, ଗିରିଶ ବେହେରା, ସିଲୁ ସାହୁଙ୍କ ସମେତ ଶତାଧିକ ସଭ୍ୟ ଉପସ୍ଥିତ ଥିଲେ।

# ୧୬ ବର୍ଷରୁ କମ୍ ହକି ପ୍ରତିଯୋଗିତା ଉଦ୍‌ଘାଟିତ





**ଯାଜପୁର,୧୧।୬(ସମିସ):** ଓଡିଶା ନାଭାଲ ଟାଟା ହକି ଏବଂ ରାଜ୍ୟ କ୍ରୀଡା ବିଭାଗର ମିଳିତ ଆନୁକୁଲ୍ୟରେ ଯାଜପୁର ହକି ପ୍ରଶିକ୍ଷଣ କେନ୍ଦ୍ର ଠାରେ ରାଜ୍ୟ ସ୍ତରୀୟ ହକି(ବାଳକ ଏବଂ ବାଳିକା) ୧୬ ବର୍ଷରୁ କମ୍ ହକି ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତା ଗତକାଲିଠାରୁ ଆରମ୍ଭ ହୋଇଥିବାବେଳେ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରତିଯୋଗିତାରେ ରାଜ୍ୟର ୧୬ ଗୋଟି ଜିଲ୍ଲାରୁ ଉଭୟ ବାଳକ ଏବଂ ବାଳିକା ହକି ଦଳ ଅଂଶଗ୍ରହଣ କରୁଛନ୍ତି। ପ୍ରତିଯୋଗିତାରୁ ଓଡ଼ିଶା ହକି ଦଳ ପାଇଁ ଖେଳାଳି ଚୟନ କରାଯିବ।

ପ୍ରକାଶ ଥାଉକି ଏହି ରାଜ୍ୟସ୍ତରୀୟ ହକି ଖେଳାଳି ଚୟନ ପ୍ରତିଯୋଗିତା ଜିଲ୍ଲାରେ ପ୍ରଥମଥର ଅନୁଷ୍ଠିତ ହେଉଛି। ପ୍ରତ୍ୟେକ ଦିନ ୮ ଟି ଲେଖାଏଁ ମ୍ୟାଚ୍ ଲିଗ୍ ପର୍ଯ୍ୟାୟରେ ଖେଳା ଯାଉଛି। ପ୍ରତ୍ୟେକ ମ୍ୟାଚରେ ମ୍ୟାନ୍ ଅଫ ଦି ମ୍ୟାଚ୍ (ଶ୍ରେଷ୍ଠ ଖେଳାଳି) ବଛାଯାଇ ଟ୍ରଫି ପ୍ରଦାନ କରାଯାଉଛି। ଏହିପରି ପ୍ରତିଯୋଗିତା କରି ତୃଣମୂଳସ୍ତରରେ ହକିର ପ୍ରଚାର ପ୍ରସାର କରିବା ସରକାରଙ୍କ ଲକ୍ଷ୍ୟ ରହିଛି। ଯାଜପୁର ହକି ପ୍ରଶିକ୍ଷଣ ପ୍ରଦାନ କେନ୍ଦ୍ରଠାରେ ଚାଲିଥିବା ଖେଳକୁ ନାଭାଲ ଟାଟା ହକି ଏବଂ ଜିଲ୍ଲା କ୍ରୀଡା ବିଭାଗର ମିଳିତ ଉଦ୍ୟମରେ କରାଯାଉଛି। ଜିଲ୍ଲାକ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ ସମସ୍ତ ପ୍ରତିଯୋଗୀତାକୁ ପରିଚାଳନା କରୁଛନ୍ତି।

# ବିଞ୍ଝାରପୁରରେ କଂଗ୍ରେସର ଖରାପ ପ୍ରଦର୍ଶନର କାରଣ ଖୋଜା

**ବିଞ୍ଝାରପୁର,୧୧।୬(ସମିସ):** ବିଞ୍ଝାରପୁର ସଂରକ୍ଷିତ (୪୮) ବିଧାନସଭା ନିର୍ବାଚନରେ କଂଗ୍ରେସକୁ ମାତ୍ର ୨.୮୯% ଭୋଟ ମିଳିଛି। ଚଳିତ ନିର୍ବାଚନରେ କନକଲତା ମଲ୍ଲିକ କଂଗ୍ରେସ ପକ୍ଷରୁ ପାର୍‌ଥ ହୋଇଥିବା ବେଳେ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀରୁ ମାତ୍ର ୪୩୯୨ ଖଣ୍ଡ ଭୋଟ ପାଇଛନ୍ତି। ଦେଶରେ ଇଣ୍ଡିଆ ମେଣ୍ଟ ସୁଦୃଢ ହେବାକୁ ଲାଗୁଥିବା ବେଳେ ବିଞ୍ଝାରପୁର କଂଗ୍ରେସ ଖରାପ ପ୍ରଦର୍ଶନ ନେଇ ଚର୍ଚ୍ଚା ଜୋର ଧରିଛି। ରାଜନୀତିଜ୍ଞମାନଙ୍କ କହିବା କଥା ବିଞ୍ଝାରପୁରରେ ବିଜୁ ଜନତା ଦଳକୁ ହରାଇବାକୁ କଂଗ୍ରେସ ଭୋଟ ବ୍ୟାଙ୍କ୍ ବିଜେପିକୁ ବିକ୍ରି ହେଉଛି। ୨୦୧୯ ମସିହାରେ ମଧ କଂଗ୍ରେସ ପ୍ରାର୍ଥୀ ମନୋରଂଜନ ଦାସ ୩୯୯୭ ଖଣ୍ଡ ଭୋଟ ପାଇଥିଲେ। ୨୦୧୯ ଏବଂ ୨୦୨୪ ମଧ୍ୟରେ କଂଗ୍ରେସର ଭୋଟ ବ୍ୟାଙ୍କ ମାତ୍ର ୩୯୫ ଖଣ୍ଡ ବୃଦ୍ଧି ହୋଇଛି। ତେବେ କଂଗ୍ରେସ ଦଳର ନେତାମାନେ ପୂର୍ବରୁ ବିଞ୍ଝାରପୁର ଅଞ୍ଚଳରେ ବହୁ ସକ୍ରିୟ ମଧ ଥିବାର ଦେଖିବାକୁ ମିଳିଥିଲା। ସଭା ସମିତି ମାନଙ୍କରେ ବହୁ ପୁରୁଣା କଂଗ୍ରେସ କର୍ମୀମାନେ ଏକତ୍ରିତ ହୋଇଥିଲେ। ତେବେ କୁଆଡେ ଗଲା କଂଗ୍ରେସର ଭୋଟ ତାହା ଆଜି ଓଡ଼ିଶା ରାଜ୍ୟ ରାଜନୀତିରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କଂଗ୍ରେସର ଏହି ଖରାପ ପ୍ରଦର୍ଶନ ପାଇଁ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀ କଂଗ୍ରେସ ପ୍ରାର୍ଥୀନୀ କନକଲତା ମଲ୍ଲିକଙ୍କୁ ପଚରା ଯିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ବିଞ୍ଝାରପୁରରେ କଂଗ୍ରେସକୁ ଭୋଟ ଦେବାକୁ କହୁଥିଲେ ଜନସାଧାରଣ କିନ୍ତୁ ୪ ଦିନ ପୂର୍ବରୁ ଲୋକମାନେ ମନ ପରିବର୍ତ୍ତନ କଲେ।

ଯଦି ଏଭଳି ସ୍ଥିତି ଆଗକୁ ଲାଗି ରୁହେ ତାହାହେଲେ ଦଳ ଆଗାମୀ ଦିନରେ ଆହୁରି ତଳକୁ ଯିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ସ୍ନାନ ପୂର୍ଣ୍ଣିମାକୁ ୮ ଦିନ ବାକି

# ସ୍ନାନ ମଣ୍ଡପ କାର୍ଯ୍ୟ ହୋଇନଥିବାରୁ ଜନ ଅସନ୍ତୋଷ





**ସୁକିନ୍ଦା, ୧୧।୬(ସମିସ)**

ପବିତ୍ର ସ୍ନାନ ପୂର୍ଣ୍ଣିମାକୁ ଆଠଦିନ ବାକି ଥିବାବେଳେ ସୁକିନ୍ଦା ନୂତନ ବିଗ୍ରହଙ୍କ ପାଇଁ ସ୍ନାନ ମଣ୍ଡପ ନିର୍ମାଣ ହୋଇନଥିବାରୁ ଅସନ୍ତୋଷ ଦେଖାଦେଇଛି। ଚଳିତବର୍ଷ ସୁକିନ୍ଦା ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ବିଗ୍ରହ ପରିବର୍ତ୍ତନ କାର୍ଯ୍ୟ ଯଥାବିଧି ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ନୂତନ ବିଗ୍ରହଙ୍କ ଆକାର ପୂର୍ବ ବିଗ୍ରହଙ୍କ ଠାରୁ ଯଥେଷ୍ଟ ବଡ଼ ହୋଇଥିବାରୁ ନୂତନ ବିଗ୍ରହ ମନ୍ଦିର ରତ୍ନବେଦିରେ ଥିବା ବସିବା ସ୍ଥାନରେ ବସିପାରିନଥିଲେ। ବାଧହୋଇ ରାତିରେ ରତ୍ନବେଦୀର ବସିବା ମଣ୍ଡପକୁ ଭଙ୍ଗାଯାଇଥିଲା। ଗୁଣ୍ଡିଚା ବାହୁଡ଼ା ସମୟ ମଧ୍ୟରେ ପୁନଃ ନିର୍ମାଣ କରିବାକୁ ଦେବୋତ୍ତର ବିଭାଗ ପକ୍ଷରୁ କୁହାଯାଇଥିଲା। ସେହିପରି ସ୍ନାନ ମଣ୍ଡପରେ ଓ ଗୁଣ୍ଡିଚା ମନ୍ଦିରରେ ଥିବା ପ୍ରଭୁଙ୍କ ବସିବା ସ୍ଥାନ ଯଥେଷ୍ଟ ଛୋଟ ଥିବାରୁ ସେଗୁଡିକୁ ନିର୍ମାଣ କରିବାକୁ ମଧ୍ୟ ଦେବୋତ୍ତର ବିଭାଗ ପକ୍ଷରୁ କୁହାଯାଇଥିଲା। ସେଠାରେ ଚତୁର୍ଦ୍ଧା ମୂର୍ତ୍ତୀଙ୍କ ବସିବା କଷ୍ଟସାଧ ବୋଲି ମହାପ୍ରଭୁଙ୍କ ସେବାୟତମାନେ ବିଗ୍ରହ ପ୍ରତିଷ୍ଠା ସମୟରେ ଅବଗତ କରାଇଥିଲେ। ଆସନ୍ତା ଦେବସ୍ନାନ ପୂର୍ଣ୍ଣିମାକୁ ମାତ୍ର ୮ ଦିନ ବାକି ଥିବାବେଳେ କାର୍ଯ୍ୟ ଆରମ୍ଭ ନହେବା ଘଟଣାକୁ ନେଇ ଭକ୍ତ ଓ ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଦୀର୍ଘଦିନ ପୂର୍ବରୁ ମନ୍ଦିର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ସରକାରଙ୍କ ପକ୍ଷରୁ ଏକ କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଥିଲା। ଯେଉଁଥିରେ ମନ୍ଦିରର ସ୍ନାନ ମଣ୍ଡପ, ଆନନ୍ଦ ବଜାର, ଭୋଗ ମଣ୍ଡପ ଆଦି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ହେବାକଥା। କିନ୍ତୁ ସମ୍ପୃକ୍ତ ଠିକାଦାର ଦୀର୍ଘଦିନ ହେବ କେବଳ ଆନନ୍ଦ ବଜାରର କିଛି ପିଲାର ଛିଡ଼ାକରି କାମ ବନ୍ଦକରି ରଖିଥିବା ଦେଖିବାକୁ ମିଳିଛି। ସମ୍ପୃକ୍ତ ଠିକାଦାରକୁ ସ୍ଥାନୀୟ ଲୋକେ କାମ ଶୀଘ୍ର କରିବାକୁ କହିଥିଲେ ମଧ୍ୟ ସେ କିଛି ଶୁଣୁନଥିବା ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷର କାରଣ ପାଲଟିଛି। ସୁକିନ୍ଦା ତହସିଲଦାର ସ୍ଥାନୀୟ ଦେବୋତ୍ତର ବିଭାଗ ମୁଖ୍ୟ ହୋଇଥିଲେ ମଧ୍ୟ ସୁକିନ୍ଦାରେ ମନ୍ଦିର କାର୍ଯ୍ୟରେ ଏଭଳି ଅନିୟମିତତା ବୁଦ୍ଧିଜୀବୀ ମହଲରେ ବିସ୍ମୟ ସୃଷ୍ଟି କରିଛି।

## ବାଲି ବୋଝେଇ ଟ୍ରାକ୍ଟର ଜବତ

**ସୁକିନ୍ଦା, ୧୧।୬(ସମିସ):** ସୁକିନ୍ଦା ପୁଲିସ ମଙ୍ଗଳବାର ଦିନ ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ କରି ଥାନାରେ ଅଟକ ରହିଥିବା ଜଣାପଡ଼ିଛି। ସୂଚନା ମୁତାବକ ମଙ୍ଗଳବାର ଦିନ ଏକ ବାଲି ବୋଝେଇ ଟ୍ରାକ୍ଟର ସୁକିନ୍ଦା ହାତିବାରୀ ରାସ୍ତାରେ ଯାଉଥିବା ସୁକିନ୍ଦା ତହସିଲଦାର ସୁଚନା ପାଇଥିଲେ। ତହସିଲଦାର ଦମୟନ୍ତୀ ସାହୁଙ୍କ ନିର୍ଦ୍ଦେଶକ୍ରମେ ସୁକିନ୍ଦା ତହସିଲ କର୍ମଚାରୀ ତୁରନ୍ତ ଆମ୍ବସାର ନିକଟରେ ପହଞ୍ଚି ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରି ସୁକିନ୍ଦା ଥାନାରେ ଜିମା ଦେଇଥିବା ଜଣାପଡ଼ିଛି।

## ତ୍ରିଲୋଚନେଶ୍ୱର ମନ୍ଦିରରେ ଶୀତଳଷଷ୍ଠୀ



**ଯାଜପୁର, ୧୧।୬(ସମିସ):** ପ୍ରତିବର୍ଷ ଭଳି ଚଳିତବର୍ଷ ଯାଜପୁରର ପ୍ରସିଦ୍ଧ ଶୈବ ପୀଠ ତ୍ରିଲୋଚନେଶ୍ୱର ମନ୍ଦିରରେ ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଳିତ ହୋଇଯାଇଛି। ଚଳିତ ବର୍ଷ ୩୮ ବର୍ଷରେ ପହଞ୍ଚିଥିବା ଏହି ଯାତ୍ରା ଅବସରରେ ଆଜି ସକାଳୁ ପାରମ୍ପରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯିବା ସହ ଶିବ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ଣରେ ମହାରୁଦ୍ରାଭିଷେକ, ହୋମ ଯଜ୍ଞ ଅନୁଷ୍ଠିତ ହେବା ପରେ ସନ୍ଧ୍ୟାରେ ପାରମ୍ପରିକ ରୀତିରେ ବିବାହ ଉତ୍ସବ ପାଇଁ ସମଗ୍ର ଅଞ୍ଚଳ ଚଳ ଚଞ୍ଚଳ ହୋଇଥିଲା। ମୃଣ୍ମୟ ମହାନ୍ତି କନ୍ୟାପିତା ହୋଇଥିବା ବେଳେ ଜନାର୍ଦ୍ଦନ ଦୀକ୍ଷିତ ବରପିତା ଭାବେ ଯୋଗ ଦେଇ ଏହି ବିବାହ କାର୍ଯ୍ୟ ସମ୍ପନ କରିଥିଲେ। ବାଦ୍ୟ, ରୋଷଣୀ, ଘଣ୍ଟ ଓ ମନ୍ତ୍ରଧ୍ୱନୀରେ ସମଗ୍ର ପରିବେଶ ପକମ୍ପିତ ହୋଇଉଠିଥିଲା। ଏନେଇ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା। ଭକ୍ତମାନେ ମହାଦେବଙ୍କୁ ଦର୍ଶନ କରିବା ସହ ବରଯାତ୍ରୀ ଯୋଗ ଦେଇ ବିବାହ ଉତ୍ସବରେ ସାମିଲ ହୋଇଥିଲେ। ମନ୍ଦିର କମିଟି ପକ୍ଷରୁ ଶୃଙ୍ଖଳିତ ଦର୍ଶନ ସହ ପ୍ରସାଦ ସେବନ ପାଇଁ ଆୟୋଜନ କରାଯାଇଥିଲା।

## ମଙ୍ଗଳପୁର ମେଡିକାଲ ବିଲ୍ଡିଂ କାମ ନିମ୍ନମାନର

# ଅଭିଯୋଗ ପରେ କାମ ବନ୍ଦ କଲେ ଏସ୍‌ଡିଓ

**ଦଶରଥପୁର, ୧୧।୬(ସମିସ):** ମଙ୍ଗଳପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ ଗୃହ ନିର୍ମାଣରେ ବ୍ୟାପକ ଅନୀୟମିତତା ହେଉଥିବା ଅଭିଯୋଗ ହୋଇଛି। ବିଭାଗୀୟ କନିଷ୍ଠଯନ୍ତ୍ରୀଙ୍କ ଉପସ୍ଥିତିରେ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ କରୁଛନ୍ତି। ସ୍ଥାନୀୟ ଲୋକେ କନିଷ୍ଠଯନ୍ତ୍ରୀ ଏବଂ ସୁପରଭାଇଜରଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କେହି ଅଭିଯୋଗକୁ ଗୁରୁତ୍ୱ ନ ଦେବାରୁ ସ୍ଥାନୀୟ ବାସିନ୍ଦା ନିର୍ମାଣସ୍ଥଳିରେ ପହଞ୍ଚି ହୋ-ହାଲ୍ଲା କରିବା ପରେ ଅଧିକ୍ଷଣ ଯନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ବିଭାଗୀୟ ଏସ୍‌ଡିଓ ନିର୍ମାଣ କାର୍ଯ୍ୟ ବନ୍ଦ କରିଥିବା ଦେଖିବାକୁ ମିଳିଛି। କରାଯାଉଥିବା ବାଲିରେ ବହୁ ପରିମାଣରେ ମାଟି ମିଶି ରହିଥିଲା। କଳା ଚିପ୍ସ ବଦଳରେ ଧଳା ମିଶ୍ରିତ ଚିପ୍ସ ବ୍ୟବହାର କରାଯାଇଥିଲା। ଯାହାକୁ ନେଇ ମଙ୍ଗଳପୁର ବଜାରର ବ୍ୟବସାୟୀ ଘନଶ୍ୟାମ ସାହୁଙ୍କ ନେତୃତ୍ୱରେ ସ୍ଥାନୀୟ ବଜାରର ବ୍ୟବସାୟୀମାନେ ଘଟଣାସ୍ଥଳରେ ପହଞ୍ଚିବା ସହିତ ଏହାର ବିରୋଧ କରିଥିଲେ। ମାତ୍ର ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରମେଶ ମହାପାତ୍ର ଏବଂ ଠିକାସଂସ୍ଥା ସୁରଭାଇଜର ସେମାନଙ୍କର ଅଭିଯୋଗକୁ କର୍ଣ୍ଣପାତ ନ କରି ଛାତ ପକା କାମ ଜାରିରଖିଥିଲେ। ଯାହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବାର ଖବର ପାଇ ଏସଡିଓ ରାମ ଚନ୍ଦ୍ର ମଲ୍ଲିକ ଘଟଣା ସ୍ଥଳରେ ପହଞ୍ଚି ବାଲିର ଏବଂ କାର୍ଯ୍ୟର ମାନ ପରଖିଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ଏବଂ ମଂଗଳପୁର ବଜାରର ବ୍ୟବସାୟୀମାନେ ଅଧିକାରୀ ଏବଂ ସୁପରଭାଇଜରଙ୍କୁ ଗାଳିଗୁଲଜ କରିଥିଲେ। ଘଟଣାକୁ ନେଇ ଏସ୍‌ଡ଼ିଓ ଶ୍ରୀ ମଲ୍ଲିକ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ସୂଚନା ଦେବାରୁ ଅଧିକ୍ଷଣ ଯନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଉନ୍ନତମାନର ବାଲି ବ୍ୟବହାର କରି କାର୍ଯ୍ୟ କରାଯାଉ ନଚେତ କାର୍ଯ୍ୟ ବନ୍ଦ କରିବାକୁ ଏସ୍‌ଡିଓଙ୍କୁ ନିର୍ଦ୍ଦେଶ ଦେବା ପରେ ଏସ୍‌ଡିଓ ଶ୍ରୀ ମଲ୍ଲିକ ନିର୍ମାଣ କାର୍ଯ୍ୟ ବନ୍ଦ କରିଥିବା ଜଣାଯାଇଛି।



ଅଭିଯୋଗ ମୁତାବକ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୦୨୨-୨୩ ଆର୍ଥିକ ବର୍ଷରେ ନୂତନ ୩୦ ଶଯ୍ୟା ବିଶିଷ୍ଟ ଗୃହ ନିର୍ମାଣ କାର୍ଯ୍ୟ ଚାଲିଛି। ବିଭାଗ ପକ୍ଷରୁ ନିର୍ମାଣ ପାଇଁ ୬ କୋଟି ୬୩ ଲକ୍ଷ ୯୦୫୫ ଟଙ୍କା ବ୍ୟୟ କରାଯାଇଥିବାବେଳେ ସରୋଜ କନଷ୍ଟ୍ରକସନ ନାମକ ଠିକାସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ନିର୍ମାଣ କାର୍ଯ୍ୟ ୧୧ ଜୁଲାଇ ୨୦୨୨ରୁ ଆରମ୍ଭ ହୋଇ ୧୦ ଜୁଲାଇ ୨୦୨୩ ରେ ଶେଷ ହେବା କଥା। ମାତ୍ର ଅବଧିର ଶେଷ ପରେ ମଧ୍ୟ କାର୍ଯ୍ୟ ଶେଷ ହୋଇପାରିନାହିଁ। ଆଜି ସକାଳୁ ନୂତନ ଗୃହ ଛାତ କାର୍ଯ୍ୟ ଆରମ୍ଭ କରିଥିଲା ଠିକାସଂସ୍ଥା। ମାତ୍ର ଛାତ କାର୍ଯ୍ୟରେ ବ୍ୟବହାର

# ମହାଦେବଙ୍କ ହାତ ଧରିଲେ ମା’ ପାର୍ବତୀ



ବରୁଣେଶ୍ୱର କ୍ଷେତ୍ର



ସ୍ୱପ୍ନେଶ୍ୱରଙ୍କ ପୀଠ



ସୋତି ଇଶାନେଶ୍ୱର ମନ୍ଦିର

### ବରୁଣେଶ୍ୱର କ୍ଷେତ୍ର

**ବିଞ୍ଝାରପୁର, ୧୧।୬(ସମିସ):** ଦେବ ଦେବ ମହାଦେବଙ୍କ ହାତ ଧରିଛନ୍ତି ପାର୍ବତୀ। ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ ଅରେଇ ପଞ୍ଚାୟତ ବରୁଣେଶ୍ୱର କ୍ଷେତ୍ରରେ ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ଶେଷ ହୋଇଛି। ମହାଦେବ ଓ ମା’ ପାର୍ବତୀଙ୍କ ଶୁଭପରିଣୟ ସରିଛି। ପବିତ୍ର ଶୀତଳ ଷଷ୍ଠୀ ପାଇଁ ଉତ୍ସବ ମୁଖର ହୋଇଥିଲା ବରୁଣେଶ୍ୱର କ୍ଷେତ୍ର। ବାଜା ମହୁରୀ ବାଣରେ ରୋଶଣୀ ନେଇ ବାହାରିଥିଲେ ବରଯାତ୍ରୀ। ବୈଦିକ ରୀତି ନୀତିରେ ଦେବ ବିବାହ ଉତ୍ସବ ସମ୍ପର୍ଣ୍ଣ ହୋଇଛି। ଆଜି ଯୁଗଳ ଦର୍ଶନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଯୁଗଳ ମୂର୍ତ୍ତୀଙ୍କୁ ଦର୍ଶନ କରୁଛନ୍ତି ଭକ୍ତ। ଏହି ସ୍ୱତନ୍ତ୍ର ଦେବ ବିବାହ ନୀତି ଦେଖିବାକୁ ୫ହାଜରରୁ ଊର୍ଦ୍ଧ୍ୱ ଜନସମାଗମ ହୋଇଥିଲା। ଦେବ ଦେବ ମହାଦେବ ଓ ମାତା ପାର୍ବତୀଙ୍କ ବାହାଘର ସମ୍ପନ୍ନ ହୋଇଛି। ଦେବ ଦମ୍ପତିଙ୍କୁ ତାଙ୍କର ମାତା ପିତା ସାଜିଥିବା କର୍ତ୍ତାମାନେ ଗ୍ରହଣ କରିଛନ୍ତି। ଦେବାଳୟରୁ ତାଙ୍କୁ ନିଜ ଘରକୁ ଅତି ଧୁମଧାମରେ ନେଇଛନ୍ତି। ମାତା ପାର୍ବତୀଙ୍କୁ ଝିଅ ଭାବରେ ପାଇ ଥିବା ଦମ୍ପତି ବଟକୃଷ୍ଣ ନାୟକ ଓ ତାଙ୍କ ପତ୍ନୀ ତଥା ତାଙ୍କ ପରିବାର ଏହି ଭବ୍ୟ ବାହାଘର ପାଇଁ ସବୁ ଯୋଗାଡ଼ କରିଥିଲେ। ଯେଉଁଥିରେ ପୂଜା ସାମଗ୍ରୀ ସହ ମାତାଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ସୁନା ଅଳଙ୍କାର ମଧ୍ୟ ପ୍ରସ୍ତୁତ କରି ରଖିଥିଲେ। ସେହିପରି ମହାଦେବଙ୍କ ମାତା ପିତା ସାଜିଥିବା ଗୋବିନ୍ଦ ପରିଡ଼ା ମଧ୍ୟ ନିଜକୁ ଭାଗ୍ୟବାନ ମନେକରିଛନ୍ତି। ମହାଦେବଙ୍କୁ ପୁଅ ଭାବରେ ପାଇଥିବା ବେଳେ ମାତା ପାର୍ବତୀଙ୍କ ବୋହୂ ରୂପେ ପାଇ ସେମାନେ ଉତ୍ସାହିତ ଥିଲେ। ଏହି ଅବସରରେ ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସମାଜସେବି ରବୀନ୍ଦ୍ର ପରିଡ଼ା, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ରାଧାକାନ୍ତ ନାୟକ, ବରୁଣେଶ୍ୱର ଉନ୍ନୟନ ପରିଷଦ ସଭାପତି ହେମେନ୍ଦ୍ର ସାମଲ, ସମ୍ପାଦକ ବଟକୃଷ୍ଣ ନାୟକ, ରୋମିଓ ରୁପନ ରାଉତ, ପର୍ଶୁରାମ କବି, ଅରେଇ ସମିତି ସଭ୍ୟା ଲଭଲି ନାୟକ, ଜିତେନ୍ଦ୍ର ପ୍ରଧାନ, ଦିପକ ସାହୁ, ତାରାକାନ୍ତ ମଲ୍ଲିକ, ପ୍ରାଣକୃଷ୍ଣ ନାୟକ, ବାବୁନି ରାଉତ, ଜଗନ୍ନାଥ ବରାଳ, ଗୁହାଳି ସରପଞ୍ଚ କାର୍ତ୍ତିକ ଧଳ, ସିବ ଧଳ, ଗୋବିନ୍ଦ ଯେନା ସମେତ ବହୁ ସରପଞ୍ଚ ସମିତି ସଭ୍ୟଙ୍କ ସମେତ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସେହିପରି ବାହାଘର ପାଇଁ ସେମାନେ ପାଖ ପଡୋଶୀ ସହ ନିଜ ସମସ୍ତ ସମ୍ପର୍କୀୟଙ୍କୁ ବାହାଘରେ ସାମିଲ ହେବାକୁ ନିମନ୍ତ୍ରଣ ଦେଇଥିଲେ।

### ସ୍ୱପ୍ନେଶ୍ୱରଙ୍କ ପୀଠ

**ଦଶରଥପୁର:** ଦଶରଥପୁର ବ୍ଲକ ଖଣ୍ଡରା ପଞ୍ଚାୟତ ସୁଧଗୋବିନ୍ଦା ଗ୍ରାମରେ ବିରାଜମାନ ପ୍ରସିଦ୍ଧ ଶୈବପୀଠ ସ୍ୱପ୍ନେଶ୍ୱରଙ୍କ ମନ୍ଦିରରେ ଶିବ ବିବାହ ଓ ପବିତ୍ର ଶୀତଳ ଷଷ୍ଠୀ ମହୋତ୍ସବ ପାରମ୍ପରିକ ରୀତିରେ ସମ୍ପନ୍ନ ହୋଇଛି। ଏହି ଉପଲକ୍ଷେ ମନ୍ଦିର ପରିସରରେ ଅଙ୍କୁରାରୋପଣ ପରେ ସକାଳେ ଶୁଭକଳସ ଜଳ ଯାତ୍ରା ସହିତ ସୂର୍ଯ୍ୟପୂଜା ଓ ଗୋପୂଜା କରାଯାଇ ଅଗ୍ନିସ୍ଥାପନ ପୂର୍ବକ ରୁଦ୍ରାଭିଷେଖ, ଚଣ୍ଡିପାଠ ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପରେ ପ୍ରଭୁ ସ୍ୱପ୍ନେଶ୍ୱରଙ୍କ ସହିତ ମା’ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଥିଲା। ଦେବ ଦମ୍ପତିଙ୍କ ଚଳନ୍ତି ପ୍ରତିମାକୁ ସୁସଜ୍ଜିତ ବେଦୀ ଉପରେ ଉପବିଷ୍ଟ କରାଯାଇ ରୀତିନୀତି ମୁତାବକ ଅତସବାଜି, ଓ ହୁଳହୁଳି ଧ୍ୱନିରେ ମନ୍ଦିର ପରିବେଶ ପ୍ରକମ୍ପିତ ହୋଇପଡ଼ିଥିଲା। ଦେବୀ ପ୍ରସାଦ ବାରିକ ଓ ସୁଶ୍ରୀ ସଙ୍ଗୀତା ଦାସ କନ୍ୟାକର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବା ବେଳେ ବରକର୍ତ୍ତାଭାବେ ଶରତ କୁମାର ପାଣିଗ୍ରାହୀ ଦାୟିତ୍ୱ ତୁଲାଇଥିଲେ। ଓଡ଼ିଆ ପରମ୍ପରାରେ ମହାସ୍ନାନ, ବାଟବରଣା, ନୀତି ସହ ଅନେକ ନୀତି ସମ୍ପୂର୍ଣ୍ଣ ପରେ ବିବାହୋତ୍ସବ ଅନୁଷ୍ଠିତ ହୋଇଥିଲା। ବରଯାତ୍ରୀ ଓ ଶ୍ରଦ୍ଧାଳୁମାନଙ୍କୁ ମନ୍ଦିର କମିଟି ପକ୍ଷରୁ ଭୋଜିସ୍ୱରୂପ ପ୍ରସାଦ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବରିଷ୍ଠ ସମାଜସେବୀ ସୁରେନ୍ଦ୍ର ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି ବିବାହ ଉତ୍ସବରେ ମନ୍ଦିର ପୂଜକ ଲିଟୁ ପଣ୍ଡା ଓ ତାଙ୍କ ସହଯୋଗୀ ପୂଜାପାଠ କରିଥିବା ବେଳେ ସରପଞ୍ଚ କୁଞ୍ଜବିହାରୀ ଦାସ, ସମାଜସେବୀ ଆନନ୍ଦ ଚନ୍ଦ୍ର ମହଲ, ରବିନାରାୟଣ ଧଳ, ରମାକାନ୍ତ ସେଠୀ, ନୀଳମଣି ପାଣିଗ୍ରାହୀ, ଅଜୟ ଦାସ ପ୍ରମୁଖଙ୍କ ସମେତ ଗ୍ରାମର ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସୋତି ଇଶାନେଶ୍ୱର ମନ୍ଦିର

**ପାଣିକୋଇଲି:** ପବିତ୍ର ଶୀତଳ ଷଷ୍ଠୀ ଅବସରରେ ଗୋଳେଇପୁର ପଞ୍ଚାୟତର ସୋତି ଗ୍ରାମର ଆରାଧ ଦେବତା ବାବା ଇଶାନେଶ୍ୱର ମହାଦେବଙ୍କ ବିବାହ ଉତ୍ସବ ବୈଦିକ ରୀତି ଅନୁଯାୟୀ ମହାସମାରୋହରେ ପାଳିତ ହୋଇଯାଇଛି। ଗ୍ରାମର ବେଦଜ୍ଞ ବ୍ରାହ୍ମଣ ନୀଳମଣି ପଣ୍ଡା, ସହଯୋଗୀ ଗଦାଧର ଦାଶ, ନାରାୟଣ ପଣ୍ଡା, ବିଶ୍ୱନାଥ ପଣ୍ଡା, ତ୍ରୀନାଥ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ବିବାହ ଉତ୍ସବରେ କନ୍ୟାପିତା ଭାବେ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଅଦ୍ୱୈତ୍ୟ ଚରଣ ଦାଶ ଓ ସହଧର୍ମିଣୀ ପଦ୍ମାବତୀ ଦାଶ ଯୋଗ ଦେଇଥିବା ବେଳେ ବରପିତା ଭାବେ ଗ୍ରାମର ମଧୁସୁଦନ ଦାଶ ଓ ସହଧର୍ମିଣୀ ମିତାଞ୍ଜଳୀ ଦାଶ ଯୋଗ ଦେଇ ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରତ୍ୟୁଷରେ ସୂର୍ଯ୍ୟପୁଜା, ଗୋମାତା ପୂଜା ପରେ ହୋମଯଜ୍ଞ ଅନୁଷ୍ଠିତ ହୋଇ ବିବାହ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ସମସ୍ତ କାର୍ଯ୍ୟକୁ ପ୍ରଫୁଲ୍ଲ କୁମାର ପାଳ, କୃତିବାସ ଖଣ୍ଡାଇ, ଗୋପାଳ ଚନ୍ଦ୍ର ଦାଶ, ବିନୋଦ ଦଳାଇ, ଅଲେଖ ଦାଶ, ଶିବ ବାରିକ, ଚିନ୍ତାମଣୀ ଦାଶ, କୃଷ୍ଣଚନ୍ଦ୍ର ଦାଶ, ସୂର୍ଯ୍ୟମଣୀ ସାହୁ, ରବି ନାୟକ, ସୁଲୋଚନା ପଣ୍ଡା, ବିଣାପାଣୀ ମଲ୍ଲିକ, ଅଭୟ କୁମାର ସ୍ୱାଇଁନବ କିଶୋର ଦାଶ, ମହେନ୍ଦ୍ର କୁମାର ଦାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବକେୟା ପାଉଣା ଦାବି

# ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଠିକାସଂସ୍ଥା ପରିବାରର ଧାରଣା

**ଯାଜପୁର, ୧୧।୬(ସମିସ):** ଯାଜପୁର ଆରଡବ୍ଲ୍ୟୁଏସ୍‌ଏସ୍ ଠାରୁ ଠିକା ପାଇଥିବା ମେଘା ଇନିୟରିଂ କନଷ୍ଟ୍ରକଚର ପ୍ରାଇଭେଟ୍ ଲିମିଟେଡ୍ ଠାରୁ ଦୁଇ ଠିକା ସଂସ୍ଥା ତ୍ରିଶକ୍ତି ଫାଉଣ୍ଡେସନ ଓ ଶର୍ମିଷ୍ଠା ଏଣ୍ଟରପ୍ରାଇଜେର୍ସ କାର୍ଯ୍ୟାଦେଶ ପାଇ ବିଞ୍ଝାରପୁର ବ୍ଲକର ବିଭିନ୍ନ ସ୍ଥାନରେ ଅଧାରୁ ଅଧିକ କାର୍ଯ୍ୟ କରିଥିଲେ ମଧ୍ୟ ମେଘା ଇଞ୍ଜିନିୟରିଂ ସଂସ୍ଥା ଅର୍ଥ ପ୍ରଦାନ କରିନଥିଲା। ଆରଡବ୍ଲ୍ୟୁଏସ୍‌ଏସ୍ ଓ ସମ୍ପୃକ୍ତ ମେଘା କମ୍ପାନୀ ସଂସ୍ଥା ନିକଟରୁ ଦୌଡ଼ି ଦୌଡ଼ି ଅର୍ଥ ନ ପାଇବାରୁ ଏହାର ପ୍ରତିବାଦରେ ଅପ୍ରେଲ ୨୨ତାରିଖରେ ଦୁଇ ସଂସ୍ଥାର ପରିବାର ଧାରଣା ଦେଇଥିଲେ। ଏହି ଘଟଣାକୁ ଗୁରୁତର ନେଇ ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣ ତୁରନ୍ତ ସମ୍ପୃକ୍ତ ସଂସ୍ଥା ଓ ଆରଡବ୍ଲ୍ୟୁଏସ୍‌ଏସ୍ ଅଧିକାରୀଙ୍କୁ ଡାକି ତୁରନ୍ତ ଦୁଇ ସଂସ୍ଥାକୁ ତାଙ୍କର ପ୍ରାପ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅର୍ଥ ପ୍ରଦାନରେ ଯେପରି ଦୁଇ ସଂସ୍ଥାକୁ ହଇରାଣ କରାନଯାଏ ସେଥିପ୍ରତି ଗୁରୁତ୍ୱ ଦେବାକୁ ଉପସ୍ଥିତ ସଂସ୍ଥା ଓ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦୁଇ ମାସ




ପୁରିବାକୁ ଯାଉଥିଲା ବେଳେ ଅଦ୍ୟାବଧି ଦୁଇ ଠିକା ସଂସ୍ଥାକୁ ଅର୍ଥ ପ୍ରଦାନ କରାଯାଇନାହିଁ। ସାଧାରଣ ନିର୍ବାଚନ ଆଳ ଦେଖାଇ ଅର୍ଥ ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରିବା ସହ ହଇରାଣ କରୁଥିବା ଅଭିଯୋଗ ହୋଇଛି। ଦୁଇ ଠିକା ସଂସ୍ଥା ନିରାଶ ହେବା ପରେ ମଇ ୧୦ ତାରିଖରେ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ପୂର୍ବରୁ ଜିଲ୍ଲାପାଳ, ଜିଲା ଆରକ୍ଷୀ ଅଧିକ୍ଷକ, ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ଜାତୀୟ ମାନବିକ ଅଧିକାର କମିଶନଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଅବଗତ କରିଥିଲେ। କିନ୍ତୁ କୌଣସି ସୁଫଳ ନ ମିଳିବାରୁ ଦୁଇ ଠିକା ସଂସ୍ଥାର ପରିବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗତକାଲିଠାରୁ ଧାରଣା ଦେଇଛନ୍ତି। ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି।

## କଟକରେ ୩ ଦିନିଆ ସର୍ବଭାରତୀୟ ନାଟକ ପ୍ରତିଯୋଗିତା

# ଅନ୍ୱେଷଣ ଥିଏଟର ଗ୍ରୁପ ଶ୍ରେଷ୍ଠ ପ୍ରଯୋଜକ

**ଯାଜପୁର, ୧୧।୬(ସମିସ)**

ନିଖିଳ କଳା ନିକେତନ ଏବଂ ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ କଟକର ଅନ୍ନପୂର୍ଣ୍ଣା ଥିଏଟର ‘ବି’ ରେ ଆୟୋଜିତ ୩ ଦିନିଆ ସର୍ବଭାରତୀୟ ନାଟକ ପ୍ରତିଯୋଗିତାରେ ଯାଜପୁରର ଅଗ୍ରଣୀ ସାମାଜିକ ଓ ନାଟ୍ୟ ଅନୁଷ୍ଠାନ, ଅନ୍ୱେଷଣ ଥିଏଟର ଗ୍ରୁପ କଳାକାରମାନଙ୍କ ଦ୍ୱାରା ପରିବେଷଣ ହୋଇଥିବା ନାଟକ ‘ବୁନ୍ଦାଏ ପାଣିରେ ସମୁଦ୍ର’ ଶ୍ରେଷ୍ଠ ନାଟକ ଘୋଷଣା କରାଯାଇଥିଲା।

ପ୍ରକାଶ ଥାଉକି ୮ ତାରିଖ ରୁ ୧୦ ତାରିଖ ପର୍ଯ୍ୟନ୍ତ ୩ଦିନ ବ୍ୟାପି ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗତକାଲି ଉଦ୍‌ଯାପନି ଦିବସରେ ଅନ୍ୱେଷଣ ଥିଏଟର ଗ୍ରୁପକୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ନାଟକଟିକୁ ରଚନା କରିଥିଲେ ଡା. ରମେଶ ପ୍ରସାଦ ପାଣିଗ୍ରାହୀ, ନିର୍ଦ୍ଦେଶନା ଦେଇଥିଲେ ଅଭିମନ୍ୟୁ ମିଶ୍ର, ମଞ୍ଚ ପରିଚାଳନା କରିଥିଲେ




ରଞ୍ଜନ କୁମାର ବେହେରା, ଏଥିରେ ଅଭିନୟ କରିଥିଲେ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ର, ଉପସଭାପତି ଉପେନ୍ଦ୍ର କୁମାର ଜେନା, ସୁବାସ ଚନ୍ଦ୍ର ଦେବତା, ସୂର୍ଯ୍ୟକାନ୍ତ ସେଠୀ, ଅଶୋକ କୁମାର ପାଣିଗ୍ରାହୀ, ତାରାକାନ୍ତ ମଲ୍ଲିକ, ଜିତେନ୍ଦ୍ର ସାହୁ, ଗୋପାଳ ଚରଣ ବାରିକ, ପ୍ରଶାନ୍ତ କୁମାର ପତି, ବିନୋଦ ପରିଡ଼ା, ସୁରଜ କୁମର ପଣ୍ଡା, ଟୁନି ବେହେରା, ସକୁନ୍ତଳା ବେହେରା, ମମତାରାଣୀ ଜେନା, ଐଶ୍ୱରୀୟା ସାହୁ, ସାଇସ୍ମିତା ବେହେରାଙ୍କ ନିଖୁଣ ଅଭିନୟ ମାଧ୍ୟମରେ ଦର୍ଶକ ଓ ବିଚାରକ ମଣ୍ଡଳୀମାନଙ୍କ ମନ ମୁଗ୍ଧ କରିଥିଲେ। ଅନ୍ୱେଷଣର ଏହି ବିଜୟକୁ ଯାଜପୁର ବିଜୟ ବୋଲି ଅଭିହିତ କରି ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ଯାଜପୁର ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣ, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଯାଜପୁର ପୌରପାଳିକାର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ଯାଜପୁର ସଂସ୍କୃତି ବିଭାଗ ଅଧିକାରିଣୀ ସୋନାଲି ବେହେରା, ଅନ୍ୱେଷଣର ସାଂସ୍କୃତିକ ସମ୍ପାଦ ଶଙ୍କର ସାହୁ, କିଶୋର କୁମାର ଦାଶ, ସୁବାସ ଚନ୍ଦ୍ର ଦାସଙ୍କ ସମେତ ଅନ୍ୱେଷଣର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟା, ଯାଜପୁର ବରିଷ୍ଠ ନାଗରିକ ଓ ଯାଜପୁର ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ସୁଭେଚ୍ଛାର ବାର୍ତ୍ତା ପ୍ରଦାନ କରିଛନ୍ତି।

